# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୮.୦୫.୨୦୨୬ ରିଖ

ସମୟ-ଅପରାହ୍ନ ଘ.୦୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀମତୀ ମହାମାୟା ସ୍ୱାଇଁ, ଚେୟାର୍‌ପରସନ୍,
୨. ସକିବା ମୁଶରତ୍,
୩. ଶ୍ରୀମତୀ ସ୍ମୃତିଶିଖା ବରିସଲ
୪. ଶ୍ରୀମତୀ ସୁଷମା ସାହୁ,
୫. ଶ୍ରୀ ଆଶିଷ କୁମାର ପଟ୍ଟନାୟକ,
୬. ପୂଜା ବେହେରା

ଅଦ୍ୟ ତା ୧୮.୦୫.୨୦୨୬ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ମହାମାୟା ସ୍ୱାଇଁ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ଲେପ୍ରସି କଲୋନୀରେ ସରକାରୀ ଯୋଜନାରେ ହିତାଧିକାରୀମାନେ ପାଇଥିବା ଘର ଗୁଡ଼ିକ କେଉଁ ନିୟମ ଅନୁସାରେ ଦିଆଯାଇଅଛି, ପରିବାରର ଜଣେ ଲେପ୍ରସି ହୋଇଥିଲେ ତାଙ୍କର ପରିବାର ସମସ୍ତ ଲୋକ ଘର ପାଇବା ପାଇଁ ନିୟମ କ'ଣ ଅଛି । ଏହି ଘର ରାଜିବ ଆବାସ ଯୋଜନା (RAY) ଅନୁସାରେ ଦିଆଯାଇଅଛି କିମ୍ବା ଲେପ୍ରସି ହିସାବରେ ଦିଆଯାଇଅଛି, ଯଦି RAY ଅନୁସାରେ ପାଇଛନ୍ତି ତେବେ ସରକାରଙ୍କ ନିୟମ ଅନୁସାରେ ଆବଶ୍ୟକ ଅର୍ଥ ନିଗମରେ କେତେ ଟଙ୍କା ଲେଖାଏଁ ଦାଖଲ କରିଛନ୍ତି କିମ୍ବା ଲେପ୍ରସି ହିସାବରେ ଦିଆଯାଇଥିଲେ ସମସ୍ତଙ୍କୁ ଲେପ୍ରସି ଥିଲେ କି ? ଏହି ସମ୍ବନ୍ଧରେ ଭୁବନେଶ୍ୱର ମହାନଗର ନିଗମରୁ ଯେଉଁ ଚିଠି କିମ୍ବା ନିର୍ଦ୍ଦେଶ ସେମାନଙ୍କୁ ଦିଆଯାଇଅଛି ସେମାନେ ଗ୍ରହଣ କରୁନାହାଁନ୍ତି କିମ୍ବା ନିର୍ଦ୍ଦେଶ ପାଳନ କରୁନାହାଁନ୍ତି ସେମାନଙ୍କ ପ୍ରତି ନିୟମ ଅନୁସାରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଅଛି ଏହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଲିଙ୍ଗରାଜ ଲେପ୍ରସି କଲୋନୀରେ ସେଠାରେ ରହୁଥିବା ବ୍ୟକ୍ତିମାନେ ଘର ପାଇବା ପରେ ସେଠାରେ ଜାଗା ମାଡ଼ି ବସିଛନ୍ତି, ସେଠାରେ ରାସ୍ତା ଓ ନାଳ କାର୍ଯ୍ୟ କରାଇ ଦେଉନାହାଁନ୍ତି, ତେଣୁ ସେଠାରୁ ସେମାନଙ୍କୁ ଉଚ୍ଛେଦ କରି ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ସ୍ଲମ୍ ସେଟଲ୍‌ମେଂଟ କମିଟିକୁ ସ୍ଲମ୍ ସମ୍ବନ୍ଧୀୟ କୌଣସି ବିଷୟ କମିଟିକୁ ଆସୁନାହିଁ, ଜାଗା ମିଶନ୍ ସମ୍ବନ୍ଧୀୟ କୌଣସି ବିଷୟ କମିଟିକୁ ଆସୁନାହିଁ, ତେଣୁ ଏହି କମିଟିରେ ଅନ୍ୟ ବିଷୟ ମିଶାଯାଉ କିମ୍ବା ଏହି କମିଟିକୁ ଭାଙ୍ଗି ଦେବାପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୪୨ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ମହାମାୟା ସ୍ୱାଇଁ
ସଭାପତି
ତା ୧୮.୦୫.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୯.୦୫.୨୦୨୬ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ଶ୍ରୀଧର ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପିଙ୍କି ସ୍ୱାଇଁ,
୩. ଶ୍ରୀମତୀ କବିତା ସ୍ୱାଇଁ,
୪. ନମିତା ମହାପାତ୍ର,
୫. ଶ୍ରୀମତୀ ଗନ୍ତୁଲତା ସାମନ୍ତରାୟ,
୬. ଶ୍ରୀ ସୁକୁମାର ସାହୁ

ଅଦ୍ୟ ତା ୧୯.୦୫.୨୦୨୬ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ନିର୍ମାଣ ହେଉଥିବା ବହୁ ଗୃହ ପ୍ଲାନ୍ ଅନୁମୋଦନକୁ ଡ଼େଭିଏସନ୍ କରି ନିର୍ମାଣ ହେଉଥିବାର କମିଟିଙ୍କ ଦୃଷ୍ଟିକୁ ଆସିଅଛି, ତେଣୁ ଏନ୍‌ଫୋର୍ସମେଂଟ ଟିମ୍ ଏବଂ ପ୍ଲାନିଙ୍ଗ୍ ସେଲ୍ ଯୋଗାଯୋଗ କରି ଉକ୍ତ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯାଉଅଛି କିନ୍ତୁ ବହୁ ଠିକାଦାର ଉଦ୍ଦେଶ୍ୟମୂଳକ ଭାବେ ଅଟକଳ ମୂଲ୍ୟ ଠାରୁ ବହୁ କମ୍ ପ୍ରତିଶତରେ ପକାଉଛନ୍ତି ଯାହାକି ଅନୁମୋଦିତ ଅଟକଳ ଅନୁଯାୟୀ କାର୍ଯ୍ୟ ସମ୍ପାଦନ କରିବା ସମ୍ଭବ ନୁହେଁ, ତେଣୁ ସେହି କାର୍ଯ୍ୟ ଗୁଡ଼ିକ ଅଭିଯୋଗକୁ ଭିତିକରି ଯାଂଚ୍ କରିବା ପାଇଁ ଏକ କମିଟି ଗଠନ କରିବା ଏବଂ ବହୁତଳ ପ୍ରାସାଦ ପାଇଁ Final NOC ଦେବା ସମୟରେ EIDP କାର୍ଯ୍ୟ ଗୁଡ଼ିକୁ ଯାଂଚ୍ କରିବା ପାଇଁ ODA Act ଅନୁଯାୟୀ ଏକ କମିଟି ଗଠନ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୨୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ଜେନା
ସଭାପତି
ତା ୧୯.୦୫.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୯.୦୫.୨୦୨୬ ରିଖ

ସମୟ-ଅପରାହ୍ନ ଘ.୧୨.୩୦ ମିନିଟ୍
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ରାମଚନ୍ଦ୍ର ରଣସିଂହ, ଚେୟାରମ୍ୟାନ୍,
୨. ଶ୍ରୀ ମିହିର କୁମାର ରାଉତ,
୩. ମୋନାଲିସା ବେହେରା,
୪. ଶ୍ରୀ ଲାଲ୍‌ମୋହନ ଟୁଡୁ,
୫. ଶ୍ରୀ ଅପରୂପ ନାରାୟଣ ରାଉତ,
୬. ଶ୍ରୀମତୀ ସୁଚିତ୍ରା ପାତ୍ର,
୭. ଶ୍ରୀ ରଶ୍ମିରଞ୍ଜନ ପାଟଶାଣୀ

ଅଦ୍ୟ ତା ୧୯.୦୫.୨୦୨୬ ରିଖ ଅପରାହ୍ନ ଘ.୧୨.୩୦ ମିନିଟ୍ ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ରାମଚନ୍ଦ୍ର ରଣସିଂହ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ରାସ୍ତା ଉପରକୁ ମାଡ଼ି ଆସିଥିବା ଗଛଡ଼ାଳ କାଟିବା ପାଇଁ ପ୍ରତି ୱାର୍ଡ଼କୁ ମାସକୁ ଦୁଇ ଥର ଲେଖାଏଁ ଗାଡ଼ି ପଠାଇବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଆସନ୍ତା ବର୍ଷାଋତୁରେ ଭୁବନେଶ୍ୱର ମହାନଗର ନିଗମାଂଚଳରେ ଆମ୍ବ, ପଣସ, ଜାମୁକୋଳି, ଚମ୍ପା, ବଉଳକୋଳି ଆଦି ଫଳ ଫୁଲ ଗଛ ଲଗାଇବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୫୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାମଚନ୍ଦ୍ର ରଣସିଂହ
ସଭାପତି
ତା ୧୯.୦୫.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଗ୍ରୀଭାନ୍‌ସେସ୍ ଆଣ୍ଡ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୯.୦୫.୨୦୨୬ ରିଖ

ସମୟ-ଅପରାହ୍ନ ଘ.୦୪.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀମତୀ ବିନୟିନୀ ଜେନା, ଚେୟାର୍‌ପରସନ୍,
୨. ଶ୍ରୀମତୀ ପ୍ରଭାସିନି ମହାନ୍ତି,
୩. ଶ୍ରୀମତୀ ଗିତାଞ୍ଜଳୀ ସାହୁ,
୪. ଶ୍ରୀମତୀ ସଞ୍ଜୁକ୍ତା ସୁନ୍ଦରାୟ,
୫. ଶ୍ରୀ ଶିବ ନାରାୟଣ ରାୟ

ଅଦ୍ୟ ତା ୧୯.୦୫.୨୦୨୬ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଗ୍ରୀଭାନ୍‌ସେସ୍ ଆଣ୍ଡ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ବିନୟିନୀ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଦୁଇ ନମ୍ବର ମାର୍କେଟ୍ ବିଲ୍‌ଡ଼ିଙ୍ଗ୍ ଠାରୁ ରାଜମହଲ ଏବଂ ରାଜମହଲ ଠାରୁ ରୁପାଲି ଛକ ପର୍ଯ୍ୟନ୍ତ ରାସ୍ତାରେ କେବଳ ରାମ ମନ୍ଦିର ନିକଟରେ ଗୋଟିଏ ଶୌଚାଳୟ ରହିଅଛି ତାହା ମଧ ଭଲ ଅବସ୍ଥାରେ ନାହିଁ । ଜଣେ ସାଧାରଣ ମଣିଷ ପରିଶ୍ରା ଯିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ବହୁ ଅଭିଯୋଗ ମଧ ଆସୁଅଛି, ତେଣୁ ଉକ୍ତ ରାସ୍ତାରେ ପ୍ରତି ଏକ କିଲୋମିଟର ଦୂରତାରେ ଗୋଟିଏ ଲେଖାଏଁ ଶୌଚାଳୟ ନିର୍ମାଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ରାସ୍ତା ଉପରେ ରହୁଥିବା ଗାଡ଼ି ଗୁଡ଼ିକୁ ବ୍ୟବସ୍ଥିତ ଭାବେ ରଖିବା ପାଇଁ ପ୍ରତି ୱାର୍ଡରେ ଗୋଟିଏ ଲେଖାଏଁ ପାର୍କିଙ୍ଗ୍ ସ୍ଥାନ ବ୍ୟବସ୍ଥା କରିବା ପାଇଁ ବହୁବାର ନିଷ୍ପତି ହୋଇଥିଲେ ମଧ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ, ତେଣୁ ଏହା ଉପରେ ଯଥାଶୀଘ୍ର ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ୱାର୍ଡ ନଂ-୬୧ ଭାମଟାଙ୍ଗି ଅଂଚଳରେ ଗଣେଶ ମାର୍କେଟ୍ କମ୍ପ୍ଲେକ୍ସ ସରକାରୀ ଜାଗାରେ ଜନୈକ ବ୍ୟକ୍ତି ଜବରଦଖଲ କରି ନିର୍ମାଣ କରିଥିବାର ଅଭିଯୋଗ ହେଉଅଛି । ଏହାକୁ ଯାଂଚ୍ କରି ଉକ୍ତ ଘର ଗୁଡ଼ିକୁ ମହାନଗର ନିଗମ ଅଧିନକୁ ଆଣିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ୱାର୍ଡ ବଜେଟରେ ପ୍ରତି ୱାର୍ଡରେ ଇଲେକ୍ଟ୍ରି ପୋଲ୍ ଏବଂ ରାସ୍ତା ଲାଇଟ୍ ବ୍ୟବସ୍ଥା କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୫.୧୮ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିନୟିନୀ ଜେନା
ସଭାପତି
ତା ୧୯.୦୫.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୦.୦୫.୨୦୨୬ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ଶ୍ରୀଧର ବେହେରା, ଚେୟାରମ୍ୟାନ୍,
୨. ଶ୍ରୀ ଅମରେଶ ଜେନା,
୩. ଶ୍ରୀମତୀ ପଙ୍କଜା ପ୍ରିୟଦର୍ଶିନୀ ଜେନା,
୪. ଶ୍ରୀମତୀ ସମିତା ମହାନ୍ତି

ଅଦ୍ୟ ତା ୨୦.୦୫.୨୦୨୬ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ବେହେରା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯାଉଅଛି । ଠିକାଦାରମାନେ ଅଟକଳ ମୂଲ୍ୟ ଠାରୁ ବହୁ ପ୍ରତିଶତ କମ୍‌ରେ ଟେଣ୍ଡର ପକାଉଛନ୍ତି, ତେଣୁ ଯେଉଁ ଠିକାଦାର ଏଭଳି Un-workable ଦରରେ ଟେଣ୍ଡର ପକାଉଛନ୍ତି ସେହି କାର୍ଯ୍ୟ ଗୁଡ଼ିକ ବିଲ୍ ପଇଠ ପୂର୍ବରୁ ଏକ କମିଟି ଦ୍ୱାରା ଯାଂଚ୍ କରି ବିଲ୍ ପଇଠ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଆଗକୁ ବର୍ଷାଋତୁ ଆସୁଥିବାରୁ ଆଜିର ବୈଠକରେ ନିଗମର ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ୍) ଉପସ୍ଥିତ ନଥିବାରୁ ଡ୍ରେନେଜ୍ ସମସ୍ୟା ଉପରେ ଆଲୋଚନା ହୋଇପାରିନଥିଲା ଏବଂ ଭବିଷ୍ୟତରେ ଏଭଳି କାର୍ଯ୍ୟ କଲେ ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ପୂର୍ବାହ୍ନ ୧୧.୪୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ବେହେରା
ସଭାପତି
ତା ୨୦.୦୫.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୦.୦୫.୨୦୨୬ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ରାଜକିଶୋର ଦାସ, ଚେୟାର୍‌ମ୍ୟାନ୍,
୨. ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ,
୩. ଶ୍ରୀ ଚନ୍ଦ୍ରଶେଖର ମଲ୍ଲିଆ,
୪. ଶ୍ରୀ ଶିବ ପ୍ରସାଦ ବେହେରା,
୫. ଶ୍ରୀମତୀ ଅଲିଅଳି ମଲ୍ଲିକ୍

ଅଦ୍ୟ ତା ୨୦.୦୫.୨୦୨୬ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ରାଜକିଶୋର ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମ ୪ ନଂ ହାଟ ଆମିଷ ମାର୍କେଟ୍ ନିକଟରେ ଥିବା ପାର୍କିଙ୍ଗ୍ ସ୍ଥାନଟି ନିଲାମ ଯାଇନାହିଁ, ତେଣୁ ନିଲାମ ଯିବା ପର୍ଯ୍ୟନ୍ତ ସେଠାରୁ ଭୁବନେଶ୍ୱର ମହାନଗର ନିଗମର କର୍ମଚାରୀଙ୍କ ଦ୍ୱାରା ପାର୍କିଙ୍ଗ୍ ଫି ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ସହିଦନଗର ସ୍ଥିତ ଭବାନୀମଲ୍‌ରେ ଭୁବନେଶ୍ୱର ମହାନଗର ନିଗମର କିଛି ଅଂଶ ଭଡ଼ା ନଯାଇ ଖାଲି ରହିଅଛି ଉକ୍ତ ସ୍ଥାନକୁ ନିଲାମ କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୪୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାଜକିଶୋର ଦାସ
ସଭାପତି
ତା ୨୦.୦୫.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୧.୦୫.୨୦୨୬ ରିଖ

ସମୟ-ଅପରାହ୍ନ ଘ.୦୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ପ୍ରେମାନନ୍ଦ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପୂଜା ମହାରଣା,
୩. ଶ୍ରୀମତୀ ମଧୁସ୍ମିତା ପ୍ରଧାନ,
୪. ଶ୍ରୀମତୀ ସୁଜାତା ଛୋଟରାୟ

ଅଦ୍ୟ ତା ୨୧.୦୫.୨୦୨୬ ରିଖ ଅପରାହ୍ନ ଘ.୦୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ପ୍ରେମାନନ୍ଦ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା Institutional Parking ଗୁଡ଼ିକ ସମ୍ପୃକ୍ତ ସଂସ୍ଥା/ ବ୍ୟକ୍ତିଙ୍କୁ ନିର୍ଦ୍ଧାରିତ ଦରରେ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ପ୍ରାଇଭେଟ୍ ଲ୍ୟାଣ୍ଡ୍ରେ ଲାଗିଥିବା LED ବିଜ୍ଞାପନଫଳକ ଦର ବାର୍ଷିକ ଦକ୍ଷିଣ-ପୂର୍ବ ଜୋନ୍ ଅଂଚଳରେ sqr. feet ଟ୨,୪୦୦/-ଙ୍କା, ଉତର ଜୋନ୍ ଅଂଚଳରେ sqr. feet ଟ୨,୨୮୦/-ଙ୍କା ଏବଂ ଦକ୍ଷିଣ-ପଶ୍ଚିମ ଜୋନ୍ ଅଂଚଳରେ sqr. feet ଟ୨,୧୬୦/-ଙ୍କା ଲେଖାଏଁ ଧାର୍ଯ୍ୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ୱାର୍ଡ଼ ନଂ-୮ ରେ ଥିବା ସରସ୍ୱତୀ ଶିଶୁ ମନ୍ଦିର ନିକଟରେ ୩୨ ଗୋଟି ଭେଣ୍ଡିଂଜୋନ୍ ଅଛି । ସେଠାରେ ଆଉ କିଛି ଖାଲି ସ୍ଥାନ ରହିଅଛି, ସେଠାରେ ଭେଣ୍ଡିଂଜୋନ୍ ଦୋକାନ କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୨୨ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ପ୍ରେମାନନ୍ଦ ଜେନା
ସଭାପତି
ତା ୨୧.୦୫.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୦.୦୫.୨୦୨୬ ରିଖ

ସମୟ-ଅପରାହ୍ନ ଘ.୩.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ଦୀପକ କୁମାର ମିଶ୍ର, ଚେୟାରମ୍ୟାନ୍,
୨. ଶ୍ରୀମତୀ ଲକ୍ଷ୍ମୀପ୍ରିୟା ପରିଡ଼ା,
୩. ଶ୍ରୀ ଅଚ୍ୟୁତାନନ୍ଦ ସ୍ୱାଇଁ

ଅଦ୍ୟ ତା ୨୦.୦୫.୨୦୨୬ ରିଖ ଅପରାହ୍ନ ଘ.୩.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଦୀପକ କୁମାର ମିଶ୍ର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ମେସର୍ସ ସୈନିକ ଇଂଟେଲିଜେନ୍ସ ସିକ୍ୟୁରିଟି ଆଣ୍ଡ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ଠାରୁ ଆଉଟ୍‌ସୋର୍ସିଂ ଆଧାରରେ ଭୁବନେଶ୍ୱର ମହାନଗର ନିଗମର ଯୋଜନା ଉପବିଭାଗରେ ନିୟୋଜିତ ୩ (ତିନି) ଜଣ ଯୋଜନା ସହାୟକ ଏବଂ ଜଣେ ଅମିନଙ୍କ ଚୁକ୍ତିନାମା ଅବଧି ବୃଦ୍ଧି କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟା-୬(୧୭) ତା ୨୫.୦୨.୨୦୨୬ ରିଖ ଅନୁଯାୟୀ ଉପରୋକ୍ତ ସଂସ୍ଥା ମାଧ୍ୟମରେ ମାନବଶକ୍ତିର ଜାରି ରଖିବା ପାଇଁ ତା ୩୦.୦୪.୨୦୨୬ ରିଖ ପର୍ଯ୍ୟନ୍ତ ଅନୁମୋଦନ ହୋଇଥିଲା । ନଥି ନଂ- BMC-PLAN-PLAN-0014-2025 ଟିପ୍ପଣୀ-୪୨ ରୁ ୪୯ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ୩ (ତିନି) ଜଣ ଯୋଜନା ସହାୟକ ଏବଂ ଜଣେ ଅମିନଙ୍କ କାର୍ଯ୍ୟକାଳ ଉପରୋକ୍ତ ସଂସ୍ଥା ମାଧ୍ୟମରେ ଚୁକ୍ତିନାମାକୁ ୩୧ ମଇ ୨୦୨୬ ରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା ସମ୍ପର୍କରେ କମିଟିଙ୍କ ବିଚାର:-

ନିର୍ଦ୍ଧାରଣ-୧. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ଆଉଟ୍‌ସୋର୍ସିଂ ଜରିଆରେ ଡ୍ରେନେଜ୍ ଡ଼ିଭିଜନ୍‌ରେ ଏକ TSU ଟିମ୍ ୨୦୧୯ ମସିହାରୁ ଗଠନ କରାଯାଇଥିଲା । ଏଥିରେ ଦୁଇ ଜଣ ଏମ୍.ଟି.ଏ କର୍ମଚାରୀ କାର୍ଯ୍ୟ କରୁଛନ୍ତି । ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ୍‌ଙ୍କ ଦ୍ୱାରା ପ୍ରସ୍ତାବିତ ଏବଂ ନଗର ଯନ୍ତ୍ରୀଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ଅନୁସାରେ GA ଏବଂ PG ବିଭାଗର ରିଜୋଲ୍ୟୁସନ୍ ନଂ-୭୯୮୨ ତା ୦୭.୦୩.୨୦୨୪ ରିଖ ଏବଂ ୮୩୬୫ ତା ୧୨.୦୩.୨୦୨୪ ରିଖ ସହିତ FD ଚିଠି ନଂ-୩୦୭୨୨/F ତା ୦୬.୧୧.୨୦୨୧ ରିଖ ଅନୁଯାୟୀ ପ୍ରଭାତ କୁମାର ବିଶ୍ୱାଳ ଏବଂ ପି. ସସ୍ମିତା ରାଓଙ୍କ ପରିବର୍ତ୍ତିତ ପାରିଶ୍ରମିକ ହାର ମାସିକ ଟ ୧୬,୬୦୦/-ଙ୍କା ପାଇବାକୁ ଯୋଗ୍ୟ ହେଉଛନ୍ତି । ନଥି ନଂ-XXXXXV-(D)-99/2019 (part) ଟିପ୍ପଣୀ-୬୯ ରୁ ୮୪ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଶ୍ରୀ ପ୍ରଭାତ କୁମାର ବିଶ୍ୱାଳ ଓ ପି. ସସ୍ମିତା ରାଓଙ୍କୁ ସଂଶୋଧିତ ପାରିଶ୍ରମିକ ଉପରୋକ୍ତ ରିଜୋଲ୍ୟୁସନ୍ ଅନୁସାରେ ତା ୦୧.୦୨.୨୦୨୪ ରିଖ ଠାରୁ ପ୍ରଦାନ କରାଯିବା ସମ୍ପର୍କରେ କମିଟିଙ୍କ ବିଚାର:-

ନିର୍ଦ୍ଧାରଣ-୨. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୩. ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ ଆକ୍ଟ-୨୦୦୩ ଧାରା ୩୦ ଅନୁଯାୟୀ ମୁନିସିପାଲ୍ କମିଶନର, ଭୁବନେଶ୍ୱର ମହାନଗର ନିଗମ ତାଙ୍କର ନିଗମରେ କାର୍ଯ୍ୟରତ ଥିବା ଅଧିନସ୍ଥ ଅଧିକାରୀଙ୍କୁ କାର୍ଯ୍ୟର ସୁପରିଚାଳନା ନିମନ୍ତେ ତାଙ୍କର କ୍ଷମତା ହସ୍ତାନ୍ତର କରିଅଛନ୍ତି । ଏହି ପରିପ୍ରେକ୍ଷୀରେ କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୨୬୧୭୬ ତା ୧୪.୦୫.୨୦୨୬ ରିଖ ମାଧ୍ୟମରେ ଶ୍ରୀମତୀ ସସ୍ମିତା ସାହୁ, ଅତିରିକ୍ତ ଆୟୁକ୍ତଙ୍କୁ ଆର୍ଥିକ ମଞ୍ଜୁର କରିବା କ୍ଷମତା ଟ ୩୫ ଲକ୍ଷ ପର୍ଯ୍ୟନ୍ତ ହସ୍ତାନ୍ତର କରିଅଛନ୍ତି ଏବଂ କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୨୬୧୭୯ ତା ୧୪.୦୫.୨୦୨୬ ରିଖ, ଶ୍ରୀମତୀ ସସ୍ମିତା ସାହୁ, ଅତିରିକ୍ତ ଆୟୁକ୍ତଙ୍କୁ ନିଗମ ପ୍ରତିଷ୍ଠାନ ବିଭାଗର ପ୍ରଶାସନିକ ମଞ୍ଜୁର କରିବା ନିମନ୍ତେ କ୍ଷମତା ପ୍ରଦାନ କରିଅଛନ୍ତି । ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ ଆକ୍ଟ-୨୦୦୩ ବର୍ଣ୍ଣିତ ଧାରା ୩୦ (୨) ଅନୁଯାୟୀ ନଥି ନଂ-BMC-OE-DEP-0028-2025 ଟିପ୍ପଣୀ ପୃଷ୍ଠା-୨୪ ରୁ ୩୧ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଏହାର କାର୍ଯ୍ୟୋତର ମଞ୍ଜୁର ନିମନ୍ତେ କମିଟିଙ୍କ ବିଚାର:-

ନିର୍ଦ୍ଧାରଣ-୩. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୪. ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ ଆକ୍ଟ-୨୦୦୩ ଧାରା ୩୦ ଅନୁଯାୟୀ ମୁନିସିପାଲ୍ କମିଶନର, ଭୁବନେଶ୍ୱର ମହାନଗର ନିଗମ ତାଙ୍କର ନିଗମରେ ଆଂଚଳିକ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ଅଧିନସ୍ଥ ଅଧିକାରୀଙ୍କୁ କାର୍ଯ୍ୟର ସୁପରିଚ୍ଛଳନା ନିମନ୍ତେ ତାଙ୍କର କ୍ଷମତା ହସ୍ତାନ୍ତର କରିଅଛନ୍ତି । ଏହି ପରିପ୍ରେକ୍ଷୀରେ କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୨୭୨୪୬ ତା ୧୪.୦୫.୨୦୨୬ ରିଖରେ ୩ ଗୋଟି ଆଂଚଳିକ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ଜୋନାଲ୍ କମିଶନର (I/C) ଯଥା:-(ଉତର ମଣ୍ଡଳ, ଦକ୍ଷିଣ-ପୂର୍ବ ମଣ୍ଡଳ ଓ ଦକ୍ଷିଣ-ପଶ୍ଚିମ ମଣ୍ଡଳ) ମାନଙ୍କୁ କାର୍ଯ୍ୟାଳୟର କଂଟିଜେନ୍ସି ବାବଦକୁ ଖର୍ଚ୍ଚ କରିବା ନିମନ୍ତେ କ୍ଷମତା ପ୍ରଦାନ କରିଅଛନ୍ତି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ ଆକ୍ଟ-୨୦୦୩ ବର୍ଣ୍ଣିତ ଧାରା ୩୦ (୨) ଅନୁଯାୟୀ ନଥି ନଂ-BMC-OE-DEP-0047-2026 ଟିପ୍ପଣୀ ପୃଷ୍ଠା-୧ ରୁ ୯ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଏହାର କାର୍ଯ୍ୟୋତର ମଞ୍ଜୁର ନିମନ୍ତେ କମିଟିଙ୍କ ବିଚ୍ଛର:-

ନିର୍ଦ୍ଧାରଣ-୪. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୫. ଭୁବନେଶ୍ୱର ମହାନଗର ନିଗମ ଅଧିନରେ କାର୍ଯ୍ୟରତ ୨୩ ଜଣ ଚୁକ୍ତିଭିତିକ ଗୋଷ୍ଠୀ ସଙ୍ଗଠିକା ଓଡ଼ିଶା ରାଜ୍ୟ ସରକାରଙ୍କ District Urban Development Agency (DUDA) ସଂସ୍ଥାର ଆଦେଶ ମୁତାବକ ୨୦୧୦ ମସିହା ଠାରୁ ପର୍ଯ୍ୟାୟ କ୍ରମେ ଭୁବନେଶ୍ୱର ମହାନଗର ନିଗମରେ କାର୍ଯ୍ୟ କରିଆସୁଅଛନ୍ତି । ଉକ୍ତ ଚୁକ୍ତିଭିତିକ ଗୋଷ୍ଠୀ ସଙ୍ଗଠିକା ମାନଙ୍କର କାର୍ଯ୍ୟକାଳ ତା ୨୮.୦୨.୨୦୨୬ ରିଖରେ ସମାପ୍ତ ହୋଇଅଛି । ଏ ସମ୍ବନ୍ଧରେ ତିନି ଆଂଚଳିକ ଉପ ଆୟୁକ୍ତ ଅଧିକାରୀମାନେ ୨୩ ଜଣଙ୍କର କାର୍ଯ୍ୟ ସନ୍ତୋଷଜନକ ବୋଲି ତାଙ୍କ ଚିଠି ସଂଖ୍ୟା-୧୭୩୩ ତା ୧୯.୦୩.୨୦୨୬ ରିଖ, ଚିଠି ସଂଖ୍ୟା-୨୫୬୫ ତା ୨୧.୦୪.୨୦୨୬ ରିଖ ଏବଂ ଚିଠି ସଂଖ୍ୟା-୩୯୯୬ ତା ୧୮.୦୪.୨୦୨୬ ରିଖରେ ସୁପାରିଶ କରିଅଛନ୍ତି । ପ୍ରକାଶ ଥାଉକି, ରାଜ୍ୟ ସରକାରଙ୍କର ଗୃହ ଓ ନଗର ଉନ୍ନୟନ ବିଭାଗର ପତ୍ରସଂଖ୍ୟା ୫୭୦୬/HUD ତା ୨୬.୦୨.୨୦୧୮ ରିଖରେ ତାଙ୍କର କାର୍ଯ୍ୟକାଳ ବୃଦ୍ଧି କରିବା ଆୟୁକ୍ତ (Commissioner) ଙ୍କ ଉପରେ ନ୍ୟସ୍ତ କରିଛନ୍ତି ।

ମଣ୍ଡଳ ଉପ ଆୟୁକ୍ତଙ୍କ ସୁପାରିଶ ଏବଂ ରାଜ୍ୟ ସରକାରଙ୍କ ପତ୍ରକୁ ଭିତିକରି ମାନନୀୟା ମେୟରଙ୍କ ଅନୁମୋଦନ କ୍ରମେ ୨୩ ଜଣ ଚୁକ୍ତିଭିତିକ ଗୋଷ୍ଠୀ ସଙ୍ଗଠିକା ମାନଙ୍କର କାର୍ଯ୍ୟକାଳ ପରବର୍ତୀ ୧ ବର୍ଷ ତା ୦୧.୦୩.୨୦୨୬ ରିଖ ଠାରୁ ତା ୨୮.୦୨.୨୦୨୭ ରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା ନିମନ୍ତେ କମିଟିଙ୍କ ବିଚ୍ଛର:- ନଥି ନଂ- XXXXVI-8/2026

ନିର୍ଦ୍ଧାରଣ-୫. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୪.୫୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ଦୀପକ କୁମାର ମିଶ୍ର
ସଭାପତି
ତା ୨୦.୦୫.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି, ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ
## କମିଟି ବୈଠକ ବିବରଣୀ

ତା ୨୧.୦୫.୨୦୨୬ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-
୧. ଶ୍ରୀ ବିରଂଚି ନାରାୟଣ ମହାସୁପକାର, ଚେୟାରମ୍ୟାନ୍,
୨. ଶ୍ରୀମତୀ ଛବି ଦାଶ,
୩. ଶ୍ରୀମତୀ ରଞ୍ଜୁଲତା ରାୟ,
୪. ଶ୍ରୀମତୀ ମୋନାଲିସା ସାହୁ,
୫. ଶ୍ରୀମତୀ ମିନୁଶ୍ରୀ ଖୁଂଟିଆ.
୬. ଶ୍ରୀ ଭରତ କୁମାର ଲେଙ୍କା,
୭. ଶ୍ରୀ ଶୁଭାଂଶୁ ଶେଖର ପଟ୍ଟନାୟକ

ଅଦ୍ୟ ତା ୨୧.୦୫.୨୦୨୬ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି, ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ବିରଂଚି ନାରାୟଣ ମହାସୁପକାର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମରେ M/s Sheranwali Infrastructure Pvt. Ltd. ମାଧ୍ୟମରେ ପରିଚ୍ଛନ୍ନତା ଓ ନଗରୀୟ ଆବର୍ଜନା ପରିବହନ କାର୍ଯ୍ୟର ସୁଗ୍ଧରୁରୂପେ ସମ୍ପାଦନ ନିମନ୍ତେ ଟ୍ରାକ୍ଟର ନିଯୁକ୍ତି କରାଯାଇ ଏହାର କାର୍ଯ୍ୟ ସମ୍ପ୍ରତି ଅବ୍ୟାହତ ଭାବରେ ଚାଲୁ ରହିଅଛି । ଯଦ୍ୟପି ମୂଳ ଚୁକ୍ତିପତ୍ରରେ ଟ୍ରାକ୍ଟର ନିଯୁକ୍ତି ସମ୍ବନ୍ଧୀୟ କୌଣସି ସ୍ପଷ୍ଟ ବ୍ୟବସ୍ଥା ନଥିଲା, ତଥାପି ତା ୨୮.୦୨.୨୦୨୫ ରିଖର Addendum Agreement ଅନୁଯାୟୀ ଏହାକୁ ବୈଧତା ପ୍ରଦାନ କରାଯାଇଥିଲା ଏବଂ ସମୟୋପଯୋଗୀ କାର୍ଯ୍ୟାଳୟ ଆଦେଶ ମାନଙ୍କ ମାଧ୍ୟମରେ ସରକାର ନିର୍ଦ୍ଧାରିତ ଦରରେ ଟ୍ରାକ୍ଟର ନିଯୁକ୍ତି କାର୍ଯ୍ୟ ସମ୍ପାଦିତ କରାଯାଇଥିଲା ।

ପରବର୍ତ୍ତୀ ପର୍ଯ୍ୟାୟରେ ତା ୦୧.୦୫.୨୦୨୫ ରିଖ ଠାରୁ ଉକ୍ତ ଟ୍ରାକ୍ଟର ଗୁଡ଼ିକୁ କାର୍ଯ୍ୟରୁ ବିମୁକ୍ତ (Disengage) କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଥିଲା, କିନ୍ତୁ ସହରରେ ନିରବିଚ୍ଛିନ୍ନ ପରିଚ୍ଛନ୍ନତା ବ୍ୟବସ୍ଥା ଓ ନଗରୀୟ ଆବର୍ଜନା ପରିବହନ କାର୍ଯ୍ୟର ଅବିରତ ସଂଚାଳନ ନିମନ୍ତେ କ୍ଷେତ୍ରସ୍ତରୀୟ ଆବଶ୍ୟକତାକୁ ସମ୍ୟକ୍ ବିଚାର କରି କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଅନୁମୋଦନ କ୍ରମେ ଉକ୍ତ ଟ୍ରାକ୍ଟର ଗୁଡ଼ିକର କାର୍ଯ୍ୟାବଧି ଅବ୍ୟାହତ ରଖାଯାଇଥିଲା ।

ଏହା ସହିତ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ପ୍ରଣୀତ Hiring Standards ଏବଂ SOP ଅନୁଯାୟୀ ସମସ୍ତ ଟ୍ରାକ୍ଟରରେ GPS ସ୍ଥାପନା ସହ ନିର୍ଦ୍ଧାରିତ ମାନଦଣ୍ଡ ଓ ନିୟମାବଳୀର ପାଳନ ଅନିବାର୍ଯ୍ୟ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ନିର୍ଦ୍ଧାରିତ ମାନଦଣ୍ଡ ପୂରଣ କରୁନଥିବା ଯାନ ଗୁଡ଼ିକୁ ତା ୨୫.୧୨.୨୦୨୫ ରିଖ ଠାରୁ କାର୍ଯ୍ୟରୁ ବିମୁକ୍ତ (Disengage) କରିବା ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା । ତଥାପି ପୁନଃପୁନି ନିର୍ଦ୍ଦେଶ ଓ ସମୟବୃଦ୍ଧି ପ୍ରଦାନ ସତ୍ତ୍ୱେ M/s Sheranwali Infrastructure Pvt. Ltd. ପକ୍ଷରୁ ଅନେକ ଅମାନକ (Non-compliant) ଏବଂ ପୁରୁଣା ଟ୍ରାକ୍ଟର ପରିବର୍ତ୍ତେ ନିର୍ଦ୍ଧାରିତ ମାନଙ୍କ ସହ ସମନ୍ୱିତ ନୂତନ ଟ୍ରାକ୍ଟର ଯୋଗାଣ କରାଯିବାରେ ଗୁରୁତର ବିଫଳତା ପରିଲକ୍ଷିତ ହୋଇଛି ।

ଉପରୋକ୍ତ ପରିସ୍ଥିତି ଏବଂ କ୍ଷେତ୍ରସ୍ତରୀୟ ଆବଶ୍ୟକତାକୁ ସମ୍ୟକ୍ ବିଚାର କରି ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ସଦୟ ଅନୁମୋଦନ ନିମନ୍ତେ ଉପସ୍ଥାପିତ କରାଯାଉଛି :-

୧. Annexure-A ଅନୁଯାୟୀ ତା ୨୫.୧୨.୨୦୨୫ ରିଖରୁ ତା ୦୬.୦୫.୨୦୨୬ ରିଖ ପର୍ଯ୍ୟନ୍ତ ଟ୍ରାକ୍ଟର ନିଯୁକ୍ତି ପାଇଁ Post Facto Approval ପ୍ରଦାନ ।
୨. ଉକ୍ତ ଟ୍ରାକ୍ଟର ଗୁଡ଼ିକୁ ତା ୩୧.୦୫.୨୦୨୬ ରିଖ ପର୍ଯ୍ୟନ୍ତ ଅବ୍ୟାହତ ଭାବେ କାର୍ଯ୍ୟରତ ରଖିବା ପାଇଁ ଅନୁମତି ପ୍ରଦାନ ।
୩. ତା ୦୧.୦୬.୨୦୨୬ ରିଖ ଠାରୁ ସମସ୍ତ ଅମାନକ (Non-compliant) ଟ୍ରାକ୍ଟର ଗୁଡ଼ିକୁ କାର୍ଯ୍ୟରୁ ବିମୁକ୍ତ (Disengage) କରିବା ପାଇଁ ଅନୁମୋଦନ ପ୍ରଦାନ ।
୪. ସଂସ୍ଥାକୁ ତତ୍‌କାଳ ଅମାନକ ଯାନ ଗୁଡ଼ିକ ପରିବର୍ତ୍ତେ ନିର୍ଦ୍ଧାରିତ ମାନଦଣ୍ଡ ସହ ସମନ୍ୱିତ ଯାନ ଯୋଗାଣ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଉ ଏବଂ ଏଥିରେ ବିଫଳତା ଘଟିଲେ ଚୁକ୍ତିର ସର୍ତ୍ତାବଳୀ ଅନୁଯାୟୀ ଜୋରିମାନା ଆଦାୟ ସହ ଆବଶ୍ୟକୀୟ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଏହି ପରିପ୍ରେକ୍ଷୀରେ ପ୍ରଶାସନିକ ଅନୁମୋଦନକୁ ଆଧାର କରି ଉପରୋକ୍ତ ପ୍ରସ୍ତାବ ଗୁଡ଼ିକୁ ଅନୁମୋଦନ ନିମନ୍ତେ କମିଟିଙ୍କ ବିଚାର :- ନଥି ନଂ- XXXVI-01/2025

ନିର୍ଦ୍ଧାରଣ-୧. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ବର୍ତ୍ତମାନ ଚାଲୁଥିବା ଇନ୍ଧନ ସଙ୍କଟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଭଡା ଆଧାରିତ ସରକାରୀ ଯାନବାହନର ସୁଚିନ୍ତିତ ବ୍ୟବହାର, ଇନ୍ଧନ ସଂରକ୍ଷଣ, ପରିଚାଳନା ଖର୍ଚ୍ଚର ହ୍ରାସ ଏବଂ କାର୍ଯ୍ୟକାରୀ ଯାନ ବିନ୍ୟାସ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ, ସରକାରଙ୍କ fuel conservation ଓ pooled vehicle utilization ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ଅନୁଯାୟୀ ଯାନ ବିଭାଗ ଦ୍ୱାରା ବିସ୍ତୃତ ସମୀକ୍ଷା କରାଯାଇଛି।

ସମୀକ୍ଷାରେ ପ୍ରକାଶ ପାଇଛି ଯେ ବର୍ତ୍ତମାନ ବ୍ୟବହୃତ Bolero/Bolero Neo/Ertiga ଶ୍ରେଣୀର ଯାନଗୁଡ଼ିକର ମାଇଲେଜ୍ ପ୍ରାୟ୧୦ କି.ମି./ଲିଟର ଥିବାବେଳେ Dzire/Tiago/Wagon-R/Celerio/Baleno/Xcent/Tigor/Etios/Zest/XUV 3XO ପରି fuel-efficient LMV ଯାନଗୁଡ଼ିକ ପ୍ରାୟ ୧୭ କି.ମି./ଲିଟର ମାଇଲେଜ୍ ପ୍ରଦାନ କରୁଛି, ଯାହା ଫଳରେ ଇନ୍ଧନ ବ୍ୟୟରେ ଲକ୍ଷଣୀୟ ସଞ୍ଚୟ ସମ୍ଭବ ହେଉଛି।

ଏଥି ସହ, ବର୍ତ୍ତମାନ ଚୁକ୍ତି ଅନୁଯାୟୀ ବଡ଼ ଯାନ ପରିବର୍ତ୍ତେ ଧୀରେଧୀରେ fuel-efficient LMV ଯାନ ବ୍ୟବସ୍ଥା କରିବାକୁ ଥିଲେ ମଧ୍ୟ, ପୂର୍ବ ନିର୍ଦ୍ଧାରିତ ₹୨୪,୦୦୦/- ଭଡା ହାର ଅପର୍ଯ୍ୟାପ୍ତ ଥିବାରୁ ଏଜେନ୍ସି ପକ୍ଷରୁ ସରକାରୀ indicative rate ଅନୁଯାୟୀ ₹୨୬,୦୦୦/- ପର୍ଯ୍ୟନ୍ତ ଭଡା ବୃଦ୍ଧି ପାଇଁ ଅନୁରୋଧ କରାଯାଇଛି।

କ୍ଷେତ୍ରସ୍ତରୀୟ ଆବଶ୍ୟକତା, ଇନ୍ଧନ ବ୍ୟୟ ଓ ପରିଚାଳନାଗତ ପ୍ରାୟୋଜନୀୟତାକୁ ବିଚାରକରି ନିମ୍ନଲିଖିତ rationalization ପ୍ରସ୍ତାବ କରାଯାଉଛି—

୧. Zonal Commissioners, Enforcement Teams, Shine Teams ଏବଂ intensive field-operation ସଂପୃକ୍ତ ସେକ୍ସନ୍‌ଗୁଡ଼ିକ ପାଇଁ କ୍ଷେତ୍ରସ୍ତରୀୟ ଗତିଶୀଳତା ଓ enforcement ଆବଶ୍ୟକତା ଦୃଷ୍ଟିରୁ Bolero/Ertiga/Bolero Neo ଶ୍ରେଣୀର ଯାନ ଜାରି ରଖାଯିବ।

୨. Deputy Commissioners, Assistant Commissioners, Engineering Officers, Health Officers ଏବଂ Head Office Sections ପାଇଁ Dzire/Tiago/Wagon-R/Baleno/Celerio/Xcent/Tigor/Etios/Zest/XUV 3XO କିମ୍ବା ସମମାନ fuel-efficient LMV ଯାନ ବ୍ୟବସ୍ଥା କରାଯିବ।

୩. Assistant Commissioners ମାନଙ୍କ ପାଇଁ ସମ୍ଭବ ସ୍ଥାନରେ tagged/shared vehicle system ଅନୁସରଣ କରାଯିବ।

୪. Assistant Executive Engineers ଓ ସମପ୍ରକୃତିର ଅଧିକାରୀମାନେ common pooled vehicle ବ୍ୟବସ୍ଥା ମାଧ୍ୟମରେ କାର୍ଯ୍ୟ ସଂପାଦନ କରିବେ।

୫. ବିଭିନ୍ନ ଉପବିଭାଗରେ ଥିବା sectional vehicle pools ବିଲୋପ କରି centralized vehicle pool system ରେ ମିଶାଯିବ।

୬. ସମସ୍ତ ସରକାରୀ ଯାନର requisition, deployment, tracking, fuel management ଏବଂ monitoring ପାଇଁ Smart Vehicle Management System (SVMS) ବାଧ୍ୟତାମୂଳକ ଭାବେ ଅନୁସରଣ କରାଯିବ।

ଉକ୍ତ rationalization ଓ reassessment ପରେ ଭଡା ଯାନ ସଂଖ୍ୟା ୮୯ ରୁ କମି ୬୩ କୁ ଆଣାଯାଇପାରିବ, ଯାହା ଫଳରେ ଇନ୍ଧନ ବ୍ୟୟ ଓ ପରିଚାଳନା ଖର୍ଚ୍ଚରେ ଲକ୍ଷଣୀୟ ହ୍ରାସ ସମ୍ଭବ ହେବ।

ଏହା ଫଳରେ ଆନୁମାନିକ ସଞ୍ଚୟ ନିମ୍ନପ୍ରକାର—

- ମାସିକ ଭଡା ଖର୍ଚ୍ଚରେ ସଞ୍ଚୟ : ₹୯,୮୨,୧୬୩/- ପ୍ରତି ମାସ
- ମାସିକ ଇନ୍ଧନ ବ୍ୟୟରେ ହ୍ରାସ : ୪,୬୭୪.୭୧ ଲିଟର
- ବାର୍ଷିକ ଆର୍ଥିକ ସଞ୍ଚୟ ଓ fuel optimization ମାଧ୍ୟମରେ ପରିଚାଳନା ଖର୍ଚ୍ଚ ହ୍ରାସ ସହ monitoring efficiency ବୃଦ୍ଧି ପାଇବ।

ଯାନ ବିଭାଗ ଦ୍ୱାରା ପ୍ରସ୍ତୁତ proposed deployment pattern ଓ vehicle rationalization analysis ସମ୍ମାନୀୟ ଅନୁମୋଦନ ପାଇଁ ସଂଲଗ୍ନ କରାଯାଇଛି।

ଏହି ପରିପ୍ରେକ୍ଷୀରେ ନିମ୍ନଲିଖିତ ପ୍ରସ୍ତାବଗୁଡିକ ସଦୟ ଅନୁମୋଦନ ନିମନ୍ତେ ଉପସ୍ଥାପିତ କରାଯାଉଛି —

୧. ପ୍ରସ୍ତାବିତ ଭାବେ ସରକାରୀ ଯାନ ବିନ୍ୟାସର rationalization ଓ restructuring।

୨. ସମ୍ଭବ ସ୍ଥାନରେ Bolero/Ertiga ଶ୍ରେଣୀର ଯାନ ପରିବର୍ତ୍ତେ fuel-efficient LMV ଯାନ ବ୍ୟବସ୍ଥା।

୩. LMV ଶ୍ରେଣୀର ଯାନ ପାଇଁ ମାସିକ ଭଡା ହାର ₹୨୪,୦୦୦/- ରୁ ବୃଦ୍ଧି କରି ₹୨୬,୦୦୦/- କରାଯିବା, ଯାହାକି ସରକାରଙ୍କ prevailing indicative rate ଅନୁଯାୟୀ ଅଟେ।

୪. pooled vehicle system ଓ centralized vehicle management mechanism ଅନୁସରଣ।

୫. ସମସ୍ତ ସରକାରୀ ଯାନ ପାଇଁ Smart Vehicle Management System (SVMS) ବାଧ୍ୟତାମୂଳକ କରାଯିବା।

୬. ସଂଶୋଧିତ vehicle deployment pattern କାର୍ଯ୍ୟକରିତା ପାଇଁ Vehicle Section କୁ ଆବଶ୍ୟକ ନିର୍ଦ୍ଦେଶ/ଆଦେଶ ଜାରି କରିବାକୁ ଅନୁମତି ପ୍ରଦାନ।

ଏହା ଉପରେ କମିଟିଙ୍କ ବିଚାର :- ନଥି ନଂ- **XXXVI-50/2026**

ନିର୍ଦ୍ଧାରଣ-୨. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା । ପ୍ରକାଶ ଥାଉକି, ପାଂଚ ବର୍ଷରୁ ଅଧିକ ବର୍ଷର ଗାଡ଼ି ନିଗମରେ ଲଗାଯିବ ନାହିଁ ଏବଂ କାର୍ଯ୍ୟରେ ଯେଭଳି ଅସୁବିଧା ନହୁଏ ସେଥିପ୍ରତି ଦୃଷ୍ଟି ଦେବାପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୩. **ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ବିଏମସି ହସ୍ପିଟାଲ ଏବଂ ସଂଲଗ୍ନ ଡିସ୍ପେନସାରୀଗୁଡିକରେ ଚୁକ୍ତିଭିତ୍ତିକ ଭାବେ ପାରାମେଡିକାଲ ପେଶାଦାର ଯୋଗାଣ ପାଇଁ ଏଜେନ୍ସି ଚୟନ ସମ୍ବନ୍ଧୀୟ RFP No. 4508 dated 27.01.2026 ଅନୁଯାୟୀ ନିବିଦା ପ୍ରକ୍ରିୟା କରାଯାଇଥିଲା । ପରବର୍ତ୍ତୀ ସମୟରେ Corrigendum-I, Corrigendum-II ଏବଂ Notification ଜାରି କରାଯାଇ ନିର୍ଦ୍ଧାରିତ ସମୟରେ ଟେକ୍ନିକାଲ ବିଡ୍ ଖୋଲାଯାଇଥିଲା । ଏଥିରେ ମୋଟ 11ଟି ସଂସ୍ଥା ନିବିଦା ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ । ଟେକ୍ନିକାଲ ଯାଞ୍ଚ ପରେ M/s Octavo Solutions Pvt. Ltd. ଆବଶ୍ୟକ ଅଭିଜ୍ଞତା ମାନଦଣ୍ଡ ପୂରଣ କରିନଥିବାରୁ ଅଯୋଗ୍ୟ ଘୋଷିତ ହୋଇଥିଲା ଏବଂ ଅନ୍ୟ 10ଟି ସଂସ୍ଥାକୁ ଟେକ୍ନିକାଲ ଭାବେ ଯୋଗ୍ୟ ମନୋନୀତ କରାଯାଇଥିଲା । ପରେ ଟେକ୍ନିକାଲ ପ୍ରେଜେଣ୍ଟେସନ୍ ଆଧାରରେ 06ଟି ସଂସ୍ଥା ଆର୍ଥିକ ନିବିଦା ପାଇଁ ଯୋଗ୍ୟ ଘୋଷିତ ହୋଇଥିଲେ ଏବଂ ତା 24.03.2026 ରିଖରେ ଆର୍ଥିକ ନିବିଦା ଖୋଲାଯାଇ QCBS ପ୍ରଣାଳୀ ଅନୁଯାୟୀ ସମିକ୍ତ ମୂଲ୍ୟାୟନ କରାଯାଇଥିଲା । ମୂଲ୍ୟାୟନରେ M/s L & K Services Private Limited ଏବଂ M/s G. Manju Services Pvt. Ltd. ସମାନ ସର୍ବାଧିକ ମାର୍କ୍ସ ପ୍ରାପ୍ତ କରିଥିବାରୁ ଲଟେରି ପ୍ରକ୍ରିୟା ଆୟୋଜନ କରାଯାଇଥିଲା । ଲଟେରି ପ୍ରକ୍ରିୟାରେ M/s L & K Services Private Limited କୁ Preferred Bidder ଭାବେ ଚୟନ କରାଯାଇଛି । କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ M/s L & K Services Private Limited ଙ୍କ ସହିତ ଚୁକ୍ତି ସମ୍ପାଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :- ନଥି ନଂ-XXXXX-SBAC-21/2026**

ନିର୍ଦ୍ଧାରଣ-୩. ଏ ପ୍ରସ୍ତାବ କଂଟ୍ରାକ୍ଟସ କମିଟିରେ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୪. **ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ବିଏମସି ହସ୍ପିଟାଲରେ ଦୀର୍ଘକାଳୀନ ଏବଂ ଜୀବନ-ସୀମିତ ରୋଗରେ ପୀଡିତ ରୋଗୀମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ଉଦ୍ଦେଶ୍ୟରେ "ସାପ୍ତାହିକ ପାଲିଆଟିଭ କେୟାର ଆଉଟ ପେସେଣ୍ଟ ବିଭାଗ (OPD) କନସଲଟେସନ କ୍ଲିନିକ" ସ୍ଥାପନ ପାଇଁ ଭୁବନେଶ୍ୱର ମହାନଗର ନିଗମ ଏବଂ କରୁଣାଶ୍ରୟ (Karunasraya) ମଧ୍ୟରେ ଏକ ସମଝୌତା ଚୁକ୍ତି (Agreement/MoU) ସ୍ୱାକ୍ଷର କରିବା ପ୍ରସ୍ତାବ ରହିଛି । ଏହି ପାଲିଆଟିଭ କେୟାର କ୍ଲିନିକ ମାଧ୍ୟମରେ କ୍ୟାନ୍ସର, ଦୀର୍ଘକାଳୀନ ଅସାଧ୍ୟ ରୋଗ, ବୃଦ୍ଧାବସ୍ଥାଜନିତ ଜଟିଳ ରୋଗ ଏବଂ ଜୀବନ-ସୀମିତ ରୋଗରେ ପୀଡିତ ରୋଗୀମାନଙ୍କୁ ଆବଶ୍ୟକ ପାଲିଆଟିଭ ସେବା ପ୍ରଦାନ କରାଯିବ । ଏହି ସେବାରେ ରୋଗୀ ଚିହ୍ନଟ (Patient Screening), ବେଦନା ନିୟନ୍ତ୍ରଣ ଓ ପରିଚାଳନା (Pain Management), ମାନସିକ ଓ ସାମାଜିକ ପରାମର୍ଶ (Psychosocial Support), ରୋଗୀ ଓ ପରିବାର ସଦସ୍ୟଙ୍କୁ ପରାମର୍ଶ ଓ ସହଯୋଗ ଇତ୍ୟାଦି ସେବା ସାମିଲ ରହିବ । ପ୍ରସ୍ତାବିତ କ୍ଲିନିକଟି ସପ୍ତାହରେ ଗୋଟିଏ ଦିନ ବିଏମସି ହସ୍ପିଟାଲ ପ୍ରାଙ୍ଗଣରେ ପରିଚାଳିତ ହେବ ଏବଂ କରୁଣାଶ୍ରୟ ପକ୍ଷରୁ ଆବଶ୍ୟକ ବିଶେଷଜ୍ଞ ଡାକ୍ତର, ପାଲିଆଟିଭ କେୟାର ପ୍ରଶିକ୍ଷିତ କର୍ମଚାରୀ ଏବଂ ପରାମର୍ଶଦାତାମାନେ ସେବା ପ୍ରଦାନ କରିବେ । ବିଏମସି ହସ୍ପିଟାଲ ପକ୍ଷରୁ ଆବଶ୍ୟକ ସ୍ଥାନ, OPD ସୁବିଧା ଏବଂ ସମନ୍ୱୟ ସହଯୋଗ ଯୋଗାଇ ଦିଆଯିବ । ଏହି ପଦକ୍ଷେପ ମାଧ୍ୟମରେ ଗୁରୁତର ରୋଗରେ ପୀଡିତ ରୋଗୀମାନେ ଗୁଣାତ୍ମକ ଓ ସହାନୁଭୂତିମୂଳକ ସ୍ୱାସ୍ଥ୍ୟସେବା ପାଇପାରିବେ ଏବଂ ତାଙ୍କର ଜୀବନମାନର ଉନ୍ନତି ହେବ, ତେଣୁ ଭୁବନେଶ୍ୱର ମହାନଗର ନିଗମ ଏବଂ କରୁଣାଶ୍ରୟ ମଧ୍ୟରେ ଉକ୍ତ କାର୍ଯ୍ୟ ପାଇଁ ସମଝୌତା ଚୁକ୍ତି ସ୍ୱାକ୍ଷର** କରିବା ପାଇଁ କମିଟିଙ୍କ ବିଚାର :-
ନଥି ନଂ-**XXXXX-SBAC-151/2025**

ନିର୍ଦ୍ଧାରଣ-୪. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୫. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୫(୧). ଭୁବନେଶ୍ୱର ମହାନଗର ନିଗମର Electrical Section ଓ Environment Section ସହରର ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥାର ସଂଚାଳନ, ରକ୍ଷାପୋଷଣ ଏବଂ ଗଛ କାଟିବା କାର୍ଯ୍ୟ ପାଇଁ ଯଥାକ୍ରମେ ଦାୟୀ ଅଟନ୍ତି । ଉକ୍ତ କାର୍ଯ୍ୟଗୁଡ଼ିକୁ ସୁଚାରୁ, ସମୟୋପଯୋଗୀ ଓ ସୁରକ୍ଷିତ ଭାବେ ସମ୍ପାଦନ କରିବା ପାଇଁ ବର୍ତ୍ତମାନ ଉପଲବ୍ଧ Hydraulic Ladder ବାହନ ସହିତ ଅତିରିକ୍ତ Hydraulic Ladder ଯାନର ଅତ୍ୟାବଶ୍ୟକ ହୋଇପଡ଼ିଛି । ବର୍ତ୍ତମାନ ଏହି ଯାନଗୁଡ଼ିକର ଅପର୍ଯ୍ୟାପ୍ତତା ଦୈନିକ ରକ୍ଷାପୋଷଣ କାର୍ଯ୍ୟ, ଆପାତକାଳୀନ ମରାମତି କାର୍ଯ୍ୟ ଏବଂ ସାଧାରଣ ଲୋକସୁରକ୍ଷା ଉପରେ ପ୍ରତିକୂଳ ପ୍ରଭାବ ପକାଉଛି ।

ବର୍ତ୍ତମାନ ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ୧୩ ମିଟର କାର୍ଯ୍ୟ ଉଚ୍ଚତା କ୍ଷମତା ବିଶିଷ୍ଟ ୬ (ଛଅ) ଟି ନିଜସ୍ୱ Hydraulic Ladder ଏବଂ ୧୩.୫ ମିଟର କାର୍ଯ୍ୟ ଉଚ୍ଚତା କ୍ଷମତା ବିଶିଷ୍ଟ ୨ (ଦୁଇ) ଟି

Hydraulic Ladder ଭଡା ସୂତ୍ରରେ ନିୟୋଜିତ ହୋଇଅଛି। ତନ୍ମଧ୍ୟରୁ ୧ (ଏକ) ଟି ନିଜସ୍ୱ ଯାନର Fitness Certificate ସମାପ୍ତ ହୋଇଯାଇଥିବାରୁ ଏହା ବର୍ତ୍ତମାନ କାର୍ଯ୍ୟରତ ନୁହେଁ।

ଅତିରିକ୍ତଭାବେ, Electrical Section ଓ Environment Section ର କାର୍ଯ୍ୟର ପରିସର, ସହରରେ ବୃଦ୍ଧି ପାଉଥିବା ଉଚ୍ଚ କ୍ଷମତାସମ୍ପନ୍ନ ହାଇମାଷ୍ଟ, ଉଚ୍ଚ ଷ୍ଟ୍ରିଟ୍ ଲାଇଟ୍ ଏବଂ ବଡ଼ ଆକାରର ଗଛ କାଟିବା କାର୍ଯ୍ୟକୁ ଦୃଷ୍ଟିରେ ରଖି ଅଧିକ କାର୍ଯ୍ୟ ଉଚ୍ଚତା କ୍ଷମତାସମ୍ପନ୍ନ Hydraulic Ladder ଯାନର ଆବଶ୍ୟକତା ଅନୁଭୂତ ହେଉଛି। ସମ୍ପୃକ୍ତ Section ମାନଙ୍କର ଆବଶ୍ୟକତା ଅନୁଯାୟୀ ନିମ୍ନଲିଖିତ Hydraulic Ladder ଯାନ ନିୟୋଜନ ଆବଶ୍ୟକ ଅଟେ —

1. ୨୪/୨୬ ମିଟର କାର୍ଯ୍ୟ ଉଚ୍ଚତା କ୍ଷମତା ବିଶିଷ୍ଟ Hydraulic Ladder — ୧ (ଏକ) ଟି, ଯାହାକି Electrical Section ଓ Environment Section ଦ୍ୱାରା ଆବଶ୍ୟକତାନୁସାରେ ସଂଯୁକ୍ତଭାବେ ବ୍ୟବହୃତ ହେବ।
2. ୧୮ ମିଟର କାର୍ଯ୍ୟ ଉଚ୍ଚତା କ୍ଷମତା ବିଶିଷ୍ଟ Hydraulic Ladder — ୨ (ଦୁଇ) ଟି, ଯାହାର ମଧ୍ୟରୁ ୧ (ଏକ) ଟି Electrical Section ପାଇଁ ଏବଂ ଅନ୍ୟ ୧ (ଏକ) ଟି Environment Section ପାଇଁ ବ୍ୟବହୃତ ହେବ।

ଉକ୍ତ ଯାନଗୁଡ଼ିକର ନିୟୋଜନ ଦ୍ୱାରା ସହରର ଷ୍ଟ୍ରିଟ୍ ଲାଇଟ୍ ରକ୍ଷାପୋଷଣ, ଆପାତକାଳୀନ ବିଦ୍ୟୁତ ମରାମତି କାର୍ଯ୍ୟ, ଉଚ୍ଚ ଗଛ କାଟିବା ଏବଂ ଜନସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟ ସମୂହ ଅଧିକ କାର୍ଯ୍ୟକ୍ଷମ, ସୁଚାରୁ ଓ ସମୟୋପଯୋଗୀ ଭାବେ ସମ୍ପାଦିତ ହେବ।

ଏହି ପରିପ୍ରେକ୍ଷୀରେ, ଉପରୋକ୍ତ ଆବଶ୍ୟକତା ପୂରଣ ନିମନ୍ତେ ୧ (ଏକ) ଟି ୨୪/୨୬ ମିଟର କାର୍ଯ୍ୟ ଉଚ୍ଚତା କ୍ଷମତା ବିଶିଷ୍ଟ ଏବଂ ୨ (ଦୁଇ) ଟି ୧୮ ମିଟର କାର୍ଯ୍ୟ ଉଚ୍ଚତା କ୍ଷମତା ବିଶିଷ୍ଟ Hydraulic Ladder ସହିତ ମୋଟ ୩ (ତିନି) ଟି Hydraulic Ladder ଭଡା ସୂତ୍ରରେ ନିୟୋଜନ ପାଇଁ ନୂତନ Agency ଚୟନ ଉଦ୍ଦେଶ୍ୟରେ Expression of Interest (EOI) ଆହ୍ୱାନ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୫(୨). SAFA APP ର Operation & Maintenence ଖର୍ଚ୍ଚ ସଂଶୋଧନ ଓ ସେବା ଅବ୍ୟାହତ ରଖିବା ସମ୍ବନ୍ଧରେ I ଅଫିସ **ଆଦେଶ ସଂଖ୍ୟା–୯୫୭୫ ତାରିଖ ୧୭.୦୨.୨୦୨୬** ଅନୁସାରେ ଗଠିତ ଟେକ୍ନିକାଲ କମିଟିର ବୈଠକ ଅତିରିକ୍ତ କମିଶନର, ବିଏମସିଙ୍କ ଅଧ୍ୟକ୍ଷତାରେ ୦୪.୦୫.୨୦୨୬ ତାରିଖରେ ଅନୁଷ୍ଠିତ ହୋଇ SAFA APP ର କାର୍ଯ୍ୟଦକ୍ଷତା, ବ୍ୟବହାରିକତା ଓ **O&M** ଖର୍ଚ୍ଚ ସମୀକ୍ଷା କରାଯାଇଥିଲା। କମିଟି ଦ୍ୱାରା SAFA APP କୁ ବିଏମସିର ପରିଚ୍ଛନ୍ନତା ପରିଚାଳନା ଓ ରିଅଲ୍-ଟାଇମ ମନିଟରିଂ ପାଇଁ ଅତ୍ୟାବଶ୍ୟକ ବୋଲି ମତ ପ୍ରକାଶ କରାଯାଇଥିଲା। **M/s Datsdakey Education Pvt. Ltd.** ପକ୍ଷରୁ କରାଯାଇଥିବା ଅତିରିକ୍ତ ମଡ୍ୟୁଲ ଓ ଟେକ୍ନିକାଲ ଅପଗ୍ରେଡେସନ୍‌କୁ ସମୀକ୍ଷା କରି କମିଟି ନିମ୍ନଲିଖିତ ସୁପାରିଶ କରିଥିଲା:-

a) ସଂଶୋଧିତ ମାସିକ O&M ଖର୍ଚ୍ଚ **ରୁ.୫,୯୦,୦୦୦/- (GST ସହିତ)** ଅନୁମୋଦନ।

b) SAFA APP ର O&M କାର୍ଯ୍ୟ ପାଇଁ M/s Datsdakey Education Pvt. Ltd. ସହିତ ଚୁକ୍ତିର ଅବଧିକୁ ୦୧.୦୫.୨୦୨୬ ରୁ ୩୦.୦୪.୨୦୨୮ ପର୍ଯ୍ୟନ୍ତ ବୃଦ୍ଧି କରାଯିବ I

c) ଏଜେନ୍ସିର ସନ୍ତୋଷଜନକ କାର୍ଯ୍ୟଦକ୍ଷତା, ବିଏମସି ଓ ଏଜେନ୍ସି ମଧ୍ୟରେ ପାରସ୍ପରିକ ସମ୍ମତି ଏବଂ ଯୋଗ୍ୟ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଅନୁମୋଦନ ସାପେକ୍ଷରେ O&M ସମୟସୀମାକୁ ଅତିରିକ୍ତ ୦୧ (ଏକ) ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ।

d) **୦୧.୦୧.୨୦୨୬ ରୁ ୩୦.୦୪.୨୦୨୬** ପର୍ଯ୍ୟନ୍ତ ଅତିରିକ୍ତ Technical & Operational Support Services ପାଇଁ ଏକକାଳୀନ ପ୍ରଦାନ ବାବଦରେ ପ୍ରତି ମାସ **ରୁ.୫,୯୦,୦୦୦/- (GST ସହିତ)** ହିସାବରେ ରାଶି ପ୍ରଦାନ ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୫(୩). RDF ଉତ୍ତୋଳନ, ପରିବହନ ଓ Co-processing ସମ୍ବନ୍ଧରେ ୦୮.୦୫.୨୦୨୬ ତାରିଖରେ ଅତିରିକ୍ତ କମିଶନର, ବିଏମସିଙ୍କ ଅଧ୍ୟକ୍ଷତାରେ ଟେଣ୍ଡର କମିଟି ବୈଠକରେ TTS ଓ ପଲାଶୁଣି ଠାରେ RDF ଜମାହେବା, ତାହାର ଉତ୍ତୋଳନ, ପରିବହନ ଓ disposal ସମ୍ବନ୍ଧୀୟ ବର୍ତ୍ତମାନ ସ୍ଥିତି ସମୀକ୍ଷା କରାଯାଇଥିଲା। କମିଟି ଦ୍ୱାରା ବର୍ତ୍ତମାନ କାର୍ଯ୍ୟରତ ଏଜେନ୍ସି M/s MGS Environ Pvt. Ltd. ଆବଶ୍ୟକ ଯାନ ନିୟୋଜନ ଓ lifting target ପୂରଣ କରିନଥିବାରୁ RDF ଅତ୍ୟଧିକ ଜମାହୋଇ ପରିବେଶ ଓ ସାନିଟେସନ ସମସ୍ୟା ସୃଷ୍ଟି ହେଉଥିବା ମତ ପ୍ରକାଶ ପାଇଥିଲା। କମିଟି ଦ୍ୱାରା ନିମ୍ନଲିଖିତ ସୁପାରିଶ କରାଯାଇଥିଲା:-

a) **M/s MGS Environ Pvt. Ltd**. ସହିତ ବର୍ତ୍ତମାନ ଚୁକ୍ତି/କାର୍ଯ୍ୟବ୍ୟବସ୍ଥା ବାତିଲ କରାଯିବ।

b) **M/s Shiva Cement Limited** କୁ ୧୦,୦୦୦ ମେଟ୍ରିକ ଟନ RDF ପରିବହନ ଓ Co-processing କାର୍ଯ୍ୟ ପାଇଁ ପ୍ରତି ମେଟ୍ରିକ ଟନ ରୁ.୮୫୦/- ହାରରେ ଅନୁମତି ପ୍ରଦାନ କରାଯିବ।

c) **M/s Ambuja Cements Limited** କୁ ୧୦,୦୦୦ ମେଟ୍ରିକ ଟନ RDF ପରିବହନ ଓ Co-processing କାର୍ଯ୍ୟ ପାଇଁ ପ୍ରତି ମେଟ୍ରିକ ଟନ ରୁ.୮୭୫/- ହାରରେ ଅନୁମତି ପ୍ରଦାନ କରାଯିବ।

d) RDF ଉତ୍ତୋଳନ ଓ disposal କାର୍ଯ୍ୟର ନିୟମିତ ମନିଟରିଂ ପାଇଁ ସମ୍ପୃକ୍ତ ଅଧିକାରୀମାନେ ଦାୟିତ୍ୱ ପାଳନ କରିବେ।

e) ପ୍ରୟୋଜନାନୁସାରେ JCB, Poclain ଓ ଅନ୍ୟାନ୍ୟ heavy machinery ନିୟୋଜନ କରାଯିବ।

ଏହା ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୫(୪). TTS ନିକଟ ସୈନିକ ସ୍କୁଲ, ଭୁବନେଶ୍ୱର ଠାରେ ସ୍ଥାପିତ ୧୦ TPD Plasma Processing Unit ର Operation & Maintenance (O&M) କାର୍ଯ୍ୟ ସମ୍ବନ୍ଧରେ ଜଣାଯାଉଛି ଯେ, M/s SNM Group ଙ୍କ CSR ସହଯୋଗରେ ପ୍ଲାଣ୍ଟଟି ସ୍ଥାପିତ ହୋଇଥିଲା ଏବଂ M/s Westmount Consultants Pvt. Ltd. ଙ୍କ ଅଧିକୃତ O&M ପାର୍ଟନର M/s AKYO Engineering Pvt. Ltd. ଦ୍ୱାରା ପ୍ରାରମ୍ଭିକ ୦୬ ମାସ ପର୍ଯ୍ୟନ୍ତ ସଫଳତାର ସହ O&M କାର୍ଯ୍ୟ ସମ୍ପାଦନ କରାଯାଇଥିଲା।

ପ୍ଲାଣ୍ଟର ନିରବିଚ୍ଛିନ୍ନ କାର୍ଯ୍ୟ ସଞ୍ଚାଳନ ଓ ପ୍ରାଯୁକ୍ତିକ ଜଟିଳତାକୁ ଦୃଷ୍ଟିରେ ରଖି, ବର୍ତ୍ତମାନ ଏଜେନ୍ସି ମାଧ୍ୟମରେ O&M କାର୍ଯ୍ୟ ପାଇଁ ୦୧.୦୧.୨୦୨୬ ରୁ ୩୧.୦୫.୨୦୨୬ ପର୍ଯ୍ୟନ୍ତ ଅର୍ଥାତ୍ ୦୫ (ପାଞ୍ଚ) ମାସ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ଉକ୍ତ ଚୁକ୍ତିର ଅବଧି ସମାପ୍ତ ହୋଇଥିବା ବେଳେ, ନିୟମିତ O&M ଏଜେନ୍ସି ଚୟନ ପାଇଁ ଟେଣ୍ଡର ପ୍ରକ୍ରିୟା ପ୍ରସ୍ତୁତି ପର୍ଯ୍ୟାୟରେ ରହିଛି ଏବଂ ନୂତନ ଏଜେନ୍ସି ନିଯୁକ୍ତି ପ୍ରକ୍ରିୟା ସମ୍ପନ୍ନ ହେବା ପାଇଁ ପ୍ରାୟ ୦୨ (ଦୁଇ) ମାସ ସମୟ ଆବଶ୍ୟକ ହେବ।

ଏହି ପରିସ୍ଥିତିରେ, ଜନସ୍ୱାର୍ଥ, ଅତ୍ୟାବଶ୍ୟକ ସେବା ଏବଂ ପ୍ଲାଣ୍ଟର ନିରବିଚ୍ଛିନ୍ନ ପରିଚାଳନାକୁ ଦୃଷ୍ଟିରେ ରଖି M/s AKYO Engineering Pvt. Ltd. ଙ୍କ କାର୍ଯ୍ୟାବଧିକୁ ୦୧.୦୬.୨୦୨୬ ରୁ ଏକ ବର୍ଷ ପାଇଁ ବୃଦ୍ଧି କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୫(୫). କାର୍ଯ୍ୟାଳୟ EOI No.-27572 dated-15.05.2026 ମାଧ୍ୟମରେ ବିଏମସି କାର୍ଯ୍ୟାଳୟର ଅଧିକାରୀ ଓ ଫିଲ୍ଡ କାର୍ଯ୍ୟ ପାଇଁ Electric Vehicle (EV) ଭଡାରେ ନିଯୁକ୍ତି ନିମନ୍ତେ EOI ଆହ୍ୱାନ କରାଯାଇଛି। ପ୍ରସ୍ତାବ ଅନୁସାରେ ୫୦ଟି **Small Car/Sedan EV** ଏବଂ ୧୦ଟି **SUV Segment EV** ମୋଟ ୬୦ଟି EV ଯାନ ଏକ ବର୍ଷ ପାଇଁ ଭଡାରେ ନିଯୁକ୍ତି କରାଯିବ।

ଏହି EOI ରେ ଯୋଗ୍ୟ ଏଜେନ୍ସିମାନଙ୍କ ଠାରୁ ପ୍ରସ୍ତାବ ଆହ୍ୱାନ କରାଯାଇଥିବା ବେଳେ, ଯାନ ଯୋଗାଣ, ଚାଳକ ବ୍ୟବସ୍ଥା, ରକ୍ଷାଣାବେକ୍ଷଣ ଓ ନିରବିଚ୍ଛିନ୍ନ ସେବା ପ୍ରଦାନ ସମ୍ବନ୍ଧୀୟ ସର୍ତ୍ତାବଳୀ EOI ରେ ଉଲ୍ଲେଖ କରାଯିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୫(୬). TTS ଠାରେ ଜମା ହୋଇଥିବା ବର୍ଜ୍ୟର ବୈଜ୍ଞାନିକ ପରିଚାଳନା, Windrow Management, waste processing, Good Earth transportation ଏବଂ Trommel/Terex Machine, JCB, Poclain, Forklift ଓ ଅନ୍ୟାନ୍ୟ heavy vehicle/equipment ର ନିରବିଚ୍ଛିନ୍ନ ପରିଚାଳନା ପାଇଁ ଆବଶ୍ୟକ ମାନବ ସମ୍ପଦ ନିଯୁକ୍ତି ଅତ୍ୟାବଶ୍ୟକ ହୋଇପଡ଼ିଛି।

ଏହି ପରିସ୍ଥିତିରେ, ଉକ୍ତ କାର୍ଯ୍ୟଗୁଡ଼ିକର ସୁଚାରୁ ପରିଚାଳନା, ପରିବେଶ ସୁରକ୍ଷା ଓ TTS ର ନିରବିଚ୍ଛିନ୍ନ କାର୍ଯ୍ୟ ସଞ୍ଚାଳନ ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୫(୭). କାର୍ଯ୍ୟାଳୟ **Quotation Call Notice No.-28482 dated-19.05.2026** ମାଧ୍ୟମରେ TTS ଠାରେ ବର୍ଜ୍ୟ ପ୍ରକ୍ରିୟାକରଣ କାର୍ଯ୍ୟରେ ବ୍ୟବହୃତ ୨-Line Trommel Machine ର spare parts supply ଓ repair work କାର୍ଯ୍ୟ ପାଇଁ ଟେଣ୍ଡର/Quotation ଆହ୍ୱାନ କରାଯାଇଛି। ଉକ୍ତ କାର୍ଯ୍ୟ ମାଧ୍ୟମରେ Trommel Machine ର ନିରବିଚ୍ଛିନ୍ନ ପରିଚାଳନା ସୁନିଶ୍ଚିତ ହୋଇ TTS ଠାରେ ବର୍ଜ୍ୟ ପ୍ରକ୍ରିୟାକରଣ କାର୍ଯ୍ୟ ସୁଚାରୁ ଭାବେ ସମ୍ପାଦନ କରାଯିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୫(୮). ଓଡ଼ିଶା ସରକାରଙ୍କ H&UD ବିଭାଗ ଦ୍ୱାରା ୧୮.୦୨.୨୦୨୦ ତାରିଖରେ ଜାରି ହୋଇଥିବା SOP ଚିଠି ସଂଖ୍ୟା ୧୯୬୦୦/HUD ଅନୁଯାୟୀ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସହରରେ ବିକେନ୍ଦ୍ରୀକରଣ ବର୍ଜ୍ୟବସ୍ତୁ ପରିଚାଳନାର ସଠିକ୍ କାର୍ଯ୍ୟାନ୍ୱୟନ ଏବଂ ସୁଗମ କାର୍ଯ୍ୟାନ୍ୱୟନ ପାଇଁ BMCର ପ୍ରତ୍ୟେକ ୬୭ଟି ୱାର୍ଡରେ ସ୍ୱଚ୍ଛ supervisor ମାନଙ୍କ ନିୟୋଜିତ କରାଯାଇଥିଲା । ଏହି ସ୍ୱଚ୍ଛ supervisor ମାନଙ୍କ ନିଯୁକ୍ତି ପାଇଁ ZDC ସ୍ତରରେ ସମ୍ପୃକ୍ତ ZDC ଏବଂ NGO ଗୁଡ଼ିକ ମଧ୍ୟରେ ବୁଝାମଣାପତ୍ର ସମ୍ପାଦିତ ହୋଇଥିଲା, ଯାହାର ସମୟସୀମା 19.02.2026 ରେ ଶେଷ ହୋଇଥିଲା। ଇତି ମଧ୍ୟରେ ଓଡ଼ିଶା ସରକାରଙ୍କ H&UD ବିଭାଗ SOP 3.0 ପୌର କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ପତ୍ର ସଂଖ୍ୟା ୨୨୩୪/HUD ୧୯.୧୦.୨୦୨୪ ତାରିଖରେ ଜାରିକରିଛନ୍ତି ଏବଂ ଏହି SOP ଅନୁଯାୟୀ "ନଗର କଠିନ ବର୍ଜ୍ୟବସ୍ତୁ ପରିଚାଳନାରେ ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର (ଏବେଠାରୁ ପ୍ଲାଣ୍ଟ ମ୍ୟାନେଜର, MCC/ ପ୍ଲାଣ୍ଟ ମ୍ୟାନେଜର, MRF ଭାବରେ ଜଣାଶୁଣା ରହିବେ) ଏବଂ ସ୍ୱଚ୍ଛ କର୍ମୀ ଭାବରେ ସାମିଲ SHG/ ଟ୍ରାନ୍ସଜେଣ୍ଡର ଗୋଷ୍ଠୀ (TG) ଏବଂ ବର୍ଜ୍ୟବସ୍ତୁ ସଂଗ୍ରହକାରୀ ଗୋଷ୍ଠୀ (WPG) ର ସଦସ୍ୟମାନେ ହୋଇଥିବେ "। ଆହୁରି ମଧ୍ୟ SOP ରେ କୁହାଯାଇଛି ଯେ "ସମ୍ପୂର୍ଣ୍ଣ ବିକେନ୍ଦ୍ରୀକୃତ ପରିମଳ ମୂଲ୍ୟ ଶୃଙ୍ଖଳରେ, ପରିମଳ ସେବା ପାଇଁ ସମ୍ପ୍ରଦାୟ ସଂଯୋଗ ସୁନିଶ୍ଚିତ କରିବା ପାଇଁ ସ୍ୱଚ୍ଛ ସାଥୀ ଏବଂ ପ୍ଲାଣ୍ଟ ପରିଚାଳକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି ଆଧାରରେ ସମସ୍ତ 67ଟି ୱାର୍ଡରେ (ପ୍ରତି ୱାର୍ଡରେ ଜଣେ) ସ୍ୱଚ୍ଛ supervisor -କମ-ପ୍ଲାଣ୍ଟ ପରିଚାଳକଙ୍କ ଚୟନ ଏବଂ ନିୟୋଜନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଆରମ୍ଭ କରିବା ପାଇଁ ପତ୍ର ସଂଖ୍ୟା ନଂ. 67398 ତାରିଖ 31.12.2025 ମାଧ୍ୟମରେ ଡେପୁଟି କମିଶନର (welfare), BMCଙ୍କୁ ଜଣାଯାଇଥିଲା । ପୁଣି Competent Authority , BMC ଙ୍କ ଅନୁମୋଦନ ଏବଂ ନିର୍ଦ୍ଦେଶ କ୍ରମେ ଅତିରିକ୍ତ କମିଶନର-III ଙ୍କ ଅଧ୍ୟକ୍ଷତାରେ 67 ଟି ସ୍ୱଚ୍ଛ ସୁପରଭାଇଜର-କମ-ପ୍ଲାଣ୍ଟ ମ୍ୟାନେଜରଙ୍କୁ ଆଉଟସୋର୍ସିଂ ଆଧାରରେ କାର୍ଯ୍ୟପଦ୍ଧତି, ନିଯୁକ୍ତି ଏବଂ ନିୟୋଜନ ପାଇଁ କାର୍ଯ୍ୟାଳୟ ଅର୍ଡର ନଂ.୨୫୫୬୪ ତାରିଖ.୦୫.୦୫.୨୦୨୬ କ୍ରମେ କମିଟି ଗଠନ କରାଯାଇଥିଲା ।

୧୯.୦୨.୨୦୨୬ ଠାରୁ ଦୁଇ ବର୍ଷ ପାଇଁ M/s Bhubaneswar Solid Waste Management SHG ଦ୍ୱାରା ୬୭ ଟି ସ୍ୱଚ୍ଛ ସୁପରଭାଇଜର-କମ-ପ୍ଲାଣ୍ଟ ମ୍ୟାନେଜରଙ୍କୁ ଆଉଟସୋର୍ସିଂ ଆଧାରରେ ବିନା ଚାର୍ଜରେ ନିୟୋଜିତ ଏବଂ ନିୟୋଜନ (ସନ୍ତୋଷଜନକ କାର୍ଯ୍ୟଦକ୍ଷତା ଏବଂ ଏମଓୟୁ ର ଅନ୍ୟାନ୍ୟ ନିୟମ ଏବଂ ସର୍ତ୍ତାବଳୀ ଉପରେ ନିର୍ଭର କରି ଆଉ ଏକ ବର୍ଷ ପାଇଁ ବଢାଯିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୫(୯). ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ଥିବା ୩୦ (ତିରିଶି) ଗୋଟି Public Toilet ଠାରେ ପ୍ରତିଟି ୫ KLD କ୍ଷମତା ବିଶିଷ୍ଟ Public Toilet Wastewater Treatment Module ର "Design, Supply, Installation, Testing and Commissioning (DSITC)" କାର୍ଯ୍ୟ ସହିତ ୧ (ଏକ) ବର୍ଷର Annual Maintenance Contract (AMC) ପାଇଁ RFP ମାଧ୍ୟମରେ ନିବିଦା ଆହ୍ୱାନ କରାଯିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୫(୧୦). **ପୂର୍ବରୁ ଅନୁମୋଦିତ ନିଷ୍ପତ୍ତି ଅନୁଯାୟୀ ବାୟୋ ମାଇନିଂ ସାଇଟ୍ ଅଞ୍ଚଳର ସୌନ୍ଦର୍ଯ୍ୟବର୍ଦ୍ଧନ, ପରିବେଶ ସୁରକ୍ଷା, ହରିତାୟନ ବୃଦ୍ଧି ଏବଂ ପରିବେଶୀୟ ସନ୍ତୁଳନ ରକ୍ଷା ଉଦ୍ଦେଶ୍ୟରେ ମିୟାୱାକି ପ୍ଲାଣ୍ଟେସନ ଓ ବ୍ଲକ ପ୍ଲାଣ୍ଟେସନ କାର୍ଯ୍ୟ ଗ୍ରହଣ କରିବା ପାଇଁ ସ୍ଥିର କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ସମୁଦାୟ ଅନୁମୋଦିତ ବ୍ୟୟ ରାଶି ଟଙ୍କା ୧,୫୪,୫୯,୨୬୩ /-ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିବାକୁ ନିର୍ଦ୍ଧାରଣ ହୋଇଛି ।ଏହା ସହିତ, ଉକ୍ତ କାର୍ଯ୍ୟକୁ ଓଡ଼ିଶା ଫରେଷ୍ଟ ଡେଭେଲପମେଣ୍ଟ କର୍ପୋରେସନ (OFDC) ଦ୍ୱାରା କାର୍ଯ୍ୟନିର୍ବାହ କରାଇବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଛି । OFDC ଙ୍କର ହରିତାୟନ, ପ୍ଲାଣ୍ଟେସନ ଓ ରକ୍ଷଣାବେକ୍ଷଣ କାର୍ଯ୍ୟରେ ପ୍ରଚୁର ଅନୁଭବ ଓ ପ୍ରାୟୋଗିକ କୌଶଳ ଥିବାରୁ ସଂସ୍ଥା ଦ୍ୱାରା କାର୍ଯ୍ୟ ସଫଳତାର ସହିତ ସମୟମଧ୍ୟରେ ସମ୍ପାଦନ ହେବ ବୋଲି ଆଶା କରାଯାଉଛି । ମିୟାୱାକି ପ୍ଲାଣ୍ଟେସନ ପଦ୍ଧତି ଅନୁଯାୟୀ ସ୍ଥାନୀୟ ପ୍ରଜାତିର ଘନ ଓ ଦ୍ରୁତ ବୃଦ୍ଧିଶୀଳ ଚାରାରୋପଣ କରାଯିବା ସହିତ ଅଞ୍ଚଳର ପରିବେଶୀୟ ଉନ୍ନତି, କାର୍ବନ ଶୋଷଣ କ୍ଷମତା ବୃଦ୍ଧି ଏବଂ ସବୁଜ ପରିବେଶ ସୃଷ୍ଟି ହେବ । ସେହିପରି ବ୍ଲକ ପ୍ଲାଣ୍ଟେସନ ମାଧ୍ୟମରେ ଖାଲି ଜମିର ସଦ୍ବ୍ୟବହାର, ମାଟି କ୍ଷୟ ନିୟନ୍ତ୍ରଣ ଏବଂ ଦୀର୍ଘକାଳୀନ ପରିବେଶ ସୁରକ୍ଷା ସୁନିଶ୍ଚିତ ହେବ ।ଏହି କାର୍ଯ୍ୟ ଅନ୍ତର୍ଗତ ଜମି ପ୍ରସ୍ତୁତି, ଗଡ଼ଖୋଦା, ଚାରା ରୋପଣ, ଜୀବାଶ୍ମ ସାର ପ୍ରୟୋଗ, ପାଣି ସେଚନ, ବାଡ଼ ନିର୍ମାଣ, ନିୟମିତ ରକ୍ଷଣାବେକ୍ଷଣ ଓ ଚାରାର ସୁରକ୍ଷା ଆଦି ସମସ୍ତ କାର୍ଯ୍ୟ OFDC ଦ୍ୱାରା ଅନୁମୋଦିତ ଆନୁମାନିକ ବ୍ୟୟ ମଧ୍ୟରେ କରାଯିବ ।**

**ଏହି ପରିପ୍ରେକ୍ଷୀରେ OFDC ଦ୍ୱାରା ମିୟାୱାକି ପ୍ଲାଣ୍ଟେସନ ଓ ବ୍ଲକ ପ୍ଲାଣ୍ଟେସନ କାର୍ଯ୍ୟକୁ ଟ ୧,୫୪,୫୯,୨୬୩/-ର ଅନୁମୋଦିତ ବ୍ୟୟ ମଧ୍ୟରେ କାର୍ଯ୍ୟନିର୍ବାହ କରାଇବା ପାଇଁ** ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୫(୧୧). **ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ଥିବା ବିଭିନ୍ନ ମିଡିଆନ୍ ଏବଂ ଲ୍ୟାଣ୍ଡସ୍କେପିଂ ସାଇଟ୍‌ଗୁଡିକର ସୁଚାରୁ ରକ୍ଷଣାବେକ୍ଷଣ, ସୌନ୍ଦର୍ଯ୍ୟବର୍ଦ୍ଧନ ଏବଂ ସବୁଜ ପରିବେଶର ସୁରକ୍ଷା ନିମନ୍ତେ ଏକ ସମନ୍ୱିତ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ।ଏହି ପରିପ୍ରେକ୍ଷୀରେ, ସମସ୍ତ ୨୮ (ଅଠାଇଶ)ଟି ମିଡିଆନ୍ ଏବଂ ଲ୍ୟାଣ୍ଡସ୍କେପିଂ ସାଇଟ୍‌ଗୁଡିକର ନିୟମିତ ରକ୍ଷଣାବେକ୍ଷଣ, ଉଦ୍ୟାନ ଉନ୍ନୟନ, ଗଛଗୁଡିକର ସୁରକ୍ଷା, ଘାସ କଟିବା, ଜଳସେଚନ, ଗ୍ୟାପ୍ ଫିଲିଂ, ପରିଷ୍କାର ପରିଚ୍ଛନ୍ନତା ଏବଂ ସାମଗ୍ରିକ ସୌନ୍ଦର୍ଯ୍ୟବର୍ଦ୍ଧନ କାର୍ଯ୍ୟ ସୁଚାରୁଭାବେ କରାଯିବା ପାଇଁ ଉକ୍ତ ସାଇଟ୍‌ଗୁଡିକୁ OFDC ଙ୍କୁ ହସ୍ତାନ୍ତର କରିବା ପ୍ରସ୍ତାବିତ ହେଉଛି । OFDC ଙ୍କର ଏହି ପ୍ରକାରର ଉଦ୍ୟାନ, ମିଡିଆନ୍ ଏବଂ ପ୍ଲାଣ୍ଟେସନ୍ ରକ୍ଷଣାବେକ୍ଷଣ କ୍ଷେତ୍ରରେ ପର୍ଯ୍ୟାପ୍ତ ଅନୁଭବ ଥିବାରୁ, ସେମାନଙ୍କ ମାଧ୍ୟମରେ କାର୍ଯ୍ୟ ସଂପାଦନ କରାଯାଇଲେ ସାଇଟ୍‌ଗୁଡିକର ଉନ୍ନତ ରକ୍ଷଣାବେକ୍ଷଣ ସହିତ ସହରର ସୌନ୍ଦର୍ଯ୍ୟବର୍ଦ୍ଧନରେ ମଧ୍ୟ ସହାୟକ ହେବ । ଏହେତୁ, ସମସ୍ତ ୨୮ଟି ମିଡିଆନ୍ ଏବଂ ଲ୍ୟାଣ୍ଡସ୍କେପିଂ ସାଇଟ୍‌ଗୁଡିକୁ ରକ୍ଷଣାବେକ୍ଷଣ ଓ ଉନ୍ନୟନ କାର୍ଯ୍ୟ ପାଇଁ OFDC କୁ ହସ୍ତାନ୍ତର** କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୫(୧୨). **ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ଥିବା ସମସ୍ତ ପାର୍କଗୁଡିକ ସହରର ପରିବେଶ ସୁରକ୍ଷା, ସୌନ୍ଦର୍ଯ୍ୟ ବୃଦ୍ଧି ଓ ନାଗରିକମାନଙ୍କ ମନୋରଞ୍ଜନ ଓ ସ୍ୱାସ୍ଥ୍ୟକର ପରିବେଶ ପ୍ରଦାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଆସୁଛି । ଏହି ପାର୍କଗୁଡିକର ସଠିକ ରକ୍ଷଣାବେକ୍ଷଣ, ପରିଛନ୍ନତା, ଉଦ୍ୟାନ ପରିଚର୍ଯ୍ୟା, ଘାସ କଟିବା, ଗଛପଲାର ଯତ୍ନ, ପାଣି ଯୋଗାଣ, ବିଦ୍ୟୁତ ବ୍ୟବସ୍ଥା ଓ ସାଧାରଣ ଜନସୁବିଧା ସୁନିଶ୍ଚିତ କରିବା ଅତ୍ୟାବଶ୍ୟକ ।ଏହି ପରିପ୍ରେକ୍ଷୀରେ, ସମସ୍ତ ପାର୍କର ନିୟମିତ ଓ ଫଳପ୍ରଦ ରକ୍ଷଣାବେକ୍ଷଣ କାର୍ଯ୍ୟ ସୁଚାରୁ ଭାବେ ସମ୍ପାଦନ ପାଇଁ ଉପଯୁକ୍ତ ଏବଂ ଅଭିଜ୍ଞ ସଂସ୍ଥା/ଏଜେନ୍ସି ମାଧ୍ୟମରେ କାର୍ଯ୍ୟ ନିର୍ବାହ କରାଯିବା ପ୍ରସ୍ତାବିତ ହେଉଛି । ସଂସ୍ଥା ଚୟନ ପ୍ରକ୍ରିୟା ନିୟମାନୁସାରେ ନିବିଦା ମାଧ୍ୟମରେ କରାଯାଇପାରିବ ।ଏହା ଦ୍ୱାରା ପାର୍କଗୁଡିକର ସୌନ୍ଦର୍ଯ୍ୟକରଣ, ସଫା, ସବୁଜ ପରିବେଶର ସୁରକ୍ଷା ଓ ସାଧାରଣ ଲୋକଙ୍କ ପାଇଁ ଉତ୍ତମ ସୁବିଧା ସୁନିଶ୍ଚିତ ହେବ ।ଏହେତୁ, ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ସମସ୍ତ ପାର୍କର ରକ୍ଷଣାବେକ୍ଷଣ କାର୍ଯ୍ୟ ଉପଯୁକ୍ତ ସଂସ୍ଥା/ଏଜେନ୍ସି ମାଧ୍ୟମରେ** କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୫(୧୩). UTKAL Builders ପକ୍ଷରୁ ଭୁବନେଶ୍ୱର ସହରର ସୌନ୍ଦର୍ଯ୍ୟୀକରଣ, ହରିତାୟନ ଏବଂ ପରିବେଶ ସୁରକ୍ଷାକୁ ଲକ୍ଷ୍ୟ କରି Corporate Social Responsibility (CSR) ଅନୁଦାନ ଅଧୀନରେ AG ଛକ ଠାରୁ ଆଚାର୍ଯ୍ୟବିହାର ଛକ ପର୍ଯ୍ୟନ୍ତ ସଚିବାଳୟ ମାର୍ଗ ସହିତ ଥିବା ମିଡିଆନ, ଗ୍ରୀନ ବେଲ୍ଟ, ଲ୍ୟାଣ୍ଡସ୍କେପିଂ ଏବଂ ସଂଲଗ୍ନ ସ୍ଥାନମାନଙ୍କର ରକ୍ଷଣାବେକ୍ଷଣ ଓ ବିକାଶ କାର୍ଯ୍ୟ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।

ଉକ୍ତ ମୁଖ୍ୟ ସଡକ ଖଣ୍ଡ ସହିତ UTKAL Builders ନିମ୍ନୋକ୍ତ ସ୍ଥାନଗୁଡିକର ମଧ୍ୟ ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟୀକରଣ କାର୍ଯ୍ୟ CSR ମାଧ୍ୟମରେ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି :-

1. Utkal Galleria ସମ୍ମୁଖ ଅଞ୍ଚଳ — 1215 ବର୍ଗ ମିଟର
2. ଗଣ୍ଡମୁଣ୍ଡା ଛକ (Reliance Fresh ସମ୍ମୁଖ) — 3150 ବର୍ଗ ମିଟର
3. ଭୌମ୍ୟନଗର ପାର୍କ, ହାଉସିଂ ସ୍କୁଏର — 7150 ବର୍ଗ ମିଟର
4. ବାଣୀବିହାର ଛକ ନିକଟସ୍ଥ ଟ୍ରାଫିକ ପୋଷ୍ଟ ପାଖରେ ଥିବା କ୍ଷୁଦ୍ର ଗ୍ରୀନ ପ୍ୟାଚ
5. ଫାୟାର ଷ୍ଟେସନ ଛକ — 1250 ବର୍ଗ ମିଟର

ପ୍ରସ୍ତାବିତ କାର୍ଯ୍ୟରେ ଉକ୍ତ ସ୍ଥାନମାନଙ୍କର ସଫାସୁଥା, ହରିତାୟନ, ଲ୍ୟାଣ୍ଡସ୍କେପିଂ, ବୃକ୍ଷାରୋପଣ, ନିୟମିତ ଜଳସେଚନ, ଘାସ କାଟିବା, ଆଲୋକୀକରଣ ଏବଂ ସାମଗ୍ରିକ ରକ୍ଷଣାବେକ୍ଷଣ ଆଦି କାର୍ଯ୍ୟ ସମ୍ମିଳିତ ରହିବ। ଏହା ଫଳରେ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସହିତ ପରିବେଶ ସୁରକ୍ଷା ଏବଂ ନାଗରିକମାନଙ୍କ ପାଇଁ ଏକ ସୁସ୍ଥ ଓ ସୁନ୍ଦର ପରିବେଶ ସୃଷ୍ଟି ହେବ।

ଏଣୁ CSR ଅନୁଦାନ ଅଧୀନରେ UTKAL Builders ଦ୍ୱାରା ଉପରୋକ୍ତ ସ୍ଥାନଗୁଡିକର ରକ୍ଷଣାବେକ୍ଷଣ ଓ ବିକାଶ କାର୍ଯ୍ୟ କରାଯିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୫(୧୪). ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ବିଭିନ୍ନ ପାର୍କ, ଖେଳ ପ୍ରାଙ୍ଗଣ ଓ ସାର୍ବଜନିକ ସ୍ଥାନଗୁଡିକରେ ଜିମ୍ ଉପକରଣ (Gym Equipments) ଏବଂ ଖେଳ ଉପକରଣ (Play Equipments) ସ୍ଥାପନ ପାଇଁ ଆବଶ୍ୟକ ଉପକରଣ କ୍ରୟ କରିବା ଅତ୍ୟାବଶ୍ୟକ ହୋଇପଡିଛି। ଏହା ଦ୍ୱାରା ସାଧାରଣ ଜନସାଧାରଣ, ବିଶେଷକରି ଶିଶୁ ଓ ଯୁବପୀଢ଼ିଙ୍କ ପାଇଁ ଉତ୍ତମ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ସୁବିଧା ସୃଷ୍ଟି ହେବ।ଏହି ପରିପ୍ରେକ୍ଷିରେ, ଆବଶ୍ୟକ ସମସ୍ତ Gym Equipments ଓ Play Equipments କୁ ନିୟମାନୁସାରେ ଟେଣ୍ଡର ଆହ୍ୱାନ (Floating of Tender) ମାଧ୍ୟମରେ ଯୋଗ୍ୟ ଏବଂ ଅନୁଭବୀ ସଂସ୍ଥା/ଏଜେନ୍ସି ମାଧ୍ୟମରେ କ୍ରୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୫(୧୫). ଓଡ଼ିଶା ସରକାରଙ୍କ ଦ୍ୱାରା ଗଜେଟ୍ ପ୍ରକାଶନ ସଂଖ୍ୟା-୩୯୨୦ ତା ୦୧.୦୫.୨୦୨୬ ରିଖ ମାଧ୍ୟମରେ ଅଦକ୍ଷ ଶ୍ରମିକଙ୍କ ନ୍ୟୁନତମ ମଜୁରୀ ଦରକୁ ପୂର୍ବତନରୁ ଟ୪୬୬/-ଙ୍କା ପ୍ରତିଦିନରୁ ବୃଦ୍ଧି କରି ଟ ୪୭୬/-ଙ୍କା ପ୍ରତିଦିନ କରାଯାଇଥିବାରୁ ଭୁବନେଶ୍ୱର ମହାନଗର ନିଗମ ଅଧିନରେ ସଫେଇ ଓ ରାସ୍ତା ସ୍ୱିପିଙ୍ଗ୍ କାର୍ଯ୍ୟରେ ନିଯୁକ୍ତ ସମସ୍ତ ସ୍ୱଚ୍ଛତା ସଂସ୍ଥା/ଏଜେନ୍ସିମାନଙ୍କ ଉପରେ ଅତିରିକ୍ତ ଆର୍ଥିକ ଭାର ପଡୁଛି । ଏହି ପରିପ୍ରେକ୍ଷୀରେ ସମ୍ପୃକ୍ତ ଏଜେନ୍ସିମାନେ ଉକ୍ତ ବୃଦ୍ଧି ପ୍ରଭାବକୁ ଦୃଷ୍ଟିରେ ରଖି କାର୍ଯ୍ୟ ଦର ପୁନଃ ନିର୍ଦ୍ଧାରଣ/ସଂଶୋଧନ ପାଇଁ ଅନୁରୋଧ କରିଛନ୍ତି । ଏହା ଉପରେ ବିଗ୍ଚର କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୫(୧୬). ଭୁବନେଶ୍ୱର ମହାନଗର ନିଗମାଂଚଳରେ ସଫେଇ କାର୍ଯ୍ୟ ନୂଆ ଟେଣ୍ଡର ଠିକାଦାରଙ୍କ ଦ୍ୱାରା ଜୁଲାଇ ମାସ ୧ ତାରିଖ ଠାରୁ ଆରମ୍ଭ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୫(୧୭). ଦେଶରେ ତୈଳ ସଙ୍କଟ ଦେଖା ଦେଇଥିବାରୁ ଯେଉଁ ଅଳିଆବୁହା ଗାଡ଼ି ଖରାପ ହୋଇଯାଉଅଛି ତାହାକୁ ପରିବର୍ତନ କରି ବିଦ୍ୟୁତ୍ଚାଳିତ ଗାଡ଼ି ବ୍ୟବହାର କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୫(୧୮). ଭୁବନେଶ୍ୱର ମହାନଗର ନିଗମର ଯେଉଁ ଗାଡ଼ି ମରାମତି ହେଉଅଛି ଏବଂ ନୂଆ ପାର୍ଟସ ପଡୁଅଛି ସେହି ପୁରୁଣା ପାର୍ଟସ ଗୁଡ଼ିକୁ ନିଗମରେ ଆଣି ରଖିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୫(୧୯). ଭୁବନେଶ୍ୱର ମହାନଗର ନିଗମର ଟି.ଟି.ଏସ୍ ଠାରେ ଗୋଟିଏ ପେଟ୍ରୋଲ୍ ପମ୍ପ୍ ଓ ନିଗମ ଗାଡ଼ି ମରାମତି ପାଇଁ ଏକ ଗ୍ୟାରେଜ୍ ନିର୍ମାଣ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୫(୨୦). ଭୁବନେଶ୍ୱର ମହାନଗର ନିଗମରେ ନିୟୋଜିତ ହୋଇଥିବା ଗାଡ଼ି ଗୁଡ଼ିକ ଦିନକୁ ୮ ଘଂଟା ନିୟୋଜନ କରିବା ବ୍ୟବସ୍ଥା ଥିଲେ ମଧ ଜରୁରୀ କାର୍ଯ୍ୟର ଆବଶ୍ୟକତା ଏବଂ ସଫେଇ ଓ ପରିମଳ କାର୍ଯ୍ୟରେ କେତେକ ଟ୍ରାକ୍ଟର ଦିନକୁ ୮ ଘଂଟାରୁ ଅଧିକ ସମୟ ନିୟୋଜନ କରି କାର୍ଯ୍ୟ ସମ୍ପାଦନ କରାଯାଉଅଛି, ତେଣୁ ଅଧିକ ସମୟ ବ୍ୟବହାରର ସମ୍ପର୍କରେ ସମ୍ପୃକ୍ତ ଅଧିକାରୀ ଲଗ୍ ବୁକ୍ ଚେକ୍ କରିଥିବାର ଦସ୍ତଖତ ଏବଂ GPS କୁ ଯାଂଚ୍ କରି ଅତିରିକ୍ତ ଅଧିକ ସମୟ ବ୍ୟବହାର ପାଇଁ ଭଡ଼ା ପ୍ରଦାନ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ.୧.୨୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିରଂଚି ନାରାୟଣ ମହାସୁପକାର
ସଭାପତି
ତା ୨୧.୦୫.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୫.୦୫.୨୦୨୬ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀମତୀ ସୁଲୋଚନା ଦାସ, ମେୟର-ତଥା-ଚେୟାରପରସନ୍,
୨. ଶ୍ରୀ ଚଞ୍ଚଳ ରାଣା, କମିଶନର
୩. ଶ୍ରୀମତୀ କେ. ଶାନ୍ତି, ସଭ୍ୟା
୪. ଶ୍ରୀମତୀ ପୁଷ୍ପାଞ୍ଜଳୀ ସେଠୀ, ସଭ୍ୟା
୫. ଶ୍ରୀମତୀ ଭାରତୀ ସିଂ, ସଭ୍ୟା
୬. ଶ୍ରୀ ଶ୍ରୀଧର ବେହେରା,
ଚେୟାରମ୍ୟାନ୍, ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି

ଅଦ୍ୟ ତା ୨୫.୦୫.୨୦୨୬ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମାଂଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ନିମ୍ନୋକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ ଅଧିକ % |
|---|---|---|---|---|---|
| 1. | Constn. of CC road at Sasan Padia, Basistha Nagar and Hata Sahi, Old Town in Ward No.-60 File No.-XXIX-Div.-III-149/2025 | Rs.1,09,69,923/- | Rs.1,09,69,923/- | Bhabani Sankar Mallia | 0.0 |
| 2. | Internal drainage of Dharma Vihar Colony Khandagiri in Ward No.-63 File No.-XXXXXV-(D)-19/2025 | Rs.1,99,99,283/- | Rs.2,05,97,261/- | Pyari Mohan Pattnaik | 2.99 |
| 3. | Constn. of drain from Aditya Enclave behind via Baradevi Colony up to Patia Sankha in Ward No.-03 File No.-XXXXXV-(D)-331/2025 | Rs.1,99,95,366/- | Rs.1,99,95,366/- | Manoranjan Swain | 0.0 |

ନିର୍ଦ୍ଧାରଣ-୧. ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୧ ଓ ୩ ରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୨୬୬୭-1(b) ତା ୨୨.୦୫.୨୦୧୮ ରିଖ ଅନୁଯାୟୀ ସର୍ବ ସମ୍ମତିକ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୨ ରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୨୬୬୭-1(c) ତା ୨୨.୦୫.୨୦୧୮ ରିଖ ଅନୁଯାୟୀ ଗ୍ରହଣ/ଅନୁମୋଦନ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ କର୍ପୋରେସନଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ଭୁବନେଶ୍ୱର ମହାନଗର ନିଗମାଂଚଳର ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ନିମ୍ନୋକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର OPWD Code ଅନୁଯାୟୀ ସର୍ତ୍ତମୂଳକ ଭାବେ ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ କମ୍ % |
|---|---|---|---|---|---|
